୩· ଯେତେବେଳେ ଗିଦିୟୋନ ଶତ୍ରୁର ଶିବିରକୁ ଗଲେ, ସେତେବେଳେ ସେମାନେ ଏହା କହୁଥିବାର ସେ ଶୁଣିଲେ ଯେ ____________________

________________________________________________________________________ ।

୪· ଏହା କାହାଣୀରୁ ତୁମେ କଣ ଶିକ୍ଷାକଲ ।

ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

ବିଷୟ-୧୪

# ଶାମ୍‌ଶୋନ୍‌ଙ୍କ ଜନ୍ମ

## ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ :

ନିମ୍ନ ଇଧ୍ୟାୟଟିକୁ ପଢନ୍ତୁ : ବିଚାରକର୍ତ୍ତା ୧୩;୧-୨୪
ପାଠର ଉଦ୍ଦେଶ୍ୟ : ଈଶ୍ୱର ସର୍ବଦା ତାଙ୍କର ପ୍ରତିଜ୍ଞାର ରକ୍ଷାକରନ୍ତି ବୋଲି ଶିକ୍ଷାଦେବା ।

ପାଠ୍ୟ ଯୋଜନା :
ଶାମ୍‌ଶୋନଙ୍କ ଜନ୍ମ କାହାଣୀ ଶିକ୍ଷାଦେବା - ୨୫ ମିନିଟ

ଚିତ୍ର ଦେଖାନ୍ତୁ :
ଗୋଟିଏ ସଂପୃକ୍ତଗୀତ ଶିଖାନ୍ତୁ - ୧୦ ମିନିଟ
ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଅନ୍ତୁ - ୧୦ ମିନିଟ
ବାଅବଲ ମୁଖସ୍ଥପଦ : ବିଚାରକର୍ତ୍ତା ୧୩;୨୪
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ

## କାହାଣୀର ବିଷୟବସ୍ତୁ :

### ଦୂତଙ୍କର ଆବିର୍ଭାବ :

ଏକଦା ଅସ୍ରାଏଲୀରେ ଦାନଗୋଷ୍ଠୀର ମନୋହ ନାମକ ଜଣେ ବ୍ୟକ୍ତି ନିଜସ୍ତ୍ରୀଙ୍କ ସହିତ ବାସ କରୁଥିଲେ । ଏହି ଦ ତିଙ୍କର କୌଣସି ସନ୍ତାନ ସନ୍ତତି ନଥିଲେ । ଦିନେ ଜଣେ ସ୍ୱର୍ଗଦୂତ ମନୋହଙ୍କର ସ୍ତ୍ରୀଙ୍କ ନିକଟରେ ଦେଖାଦେଅ ସେ ଗୋଟିଏ ପୁତ୍ର ସନ୍ତାନ ଜାତ କରିବେ ବୋଲି ତାଙ୍କୁ କହିଲେ । ଦୂତ ତାଙ୍କୁ ଏହା ମଧ୍ୟ କହିଲେ ଯେ ସେ ଦ୍ରାକ୍ଷାଫଳରୁ ଉତ୍ପନ୍ନ କୌଣସି ପାନୀୟ ପାନ କରିବେ ନାହିଁ କିମ୍ବା କୌଣସି ଇଶୁଚି ଖାଦ୍ୟ ଖାଅବେ ନାହିଁ । ଏହାର କାରଣ ଥିଲା, ଜନ୍ମହେବାକୁ ଯାଉଥିବା ଶିଶୁ ନାସରୀୟ ହେବ । ସେ ଶିଶୁର କେଶମଧ୍ୟ କାଟିବେ ନାହିଁ ବୋଲି ନିର୍ଦ୍ଦେଶ ପାଅଥିଲେ । ସେ ଯାଅ ନିଜ ସ୍ୱାମୀଙ୍କୁ ଏହି ଘଟଣା ବିଷୟରେ କହିଲେ । ଏହାଶୁଣି ସେ ଆଷ୍ଟର୍ଯ୍ୟନ୍ୱିତ ହେଲେ । ପରେ, ସେହି ସମାନ ଦୂତ ମାନୋହଙ୍କୁ ମଧ୍ୟ ଦେଖାଦେଲେ କାରଣ ଏହି ଦୂତଙ୍କୁ ସାକ୍ଷାତ୍ କରିବା ପାଇଁ ସେ କହିଥିଲେ । ଦୂତ ମାନୋହଙ୍କୁ ସେହି ସମାନ କଥା କହିଲେ, ଯାହା ସେ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କୁ କହିସାରିଥିଲେ । ଏହିପରି ଭାବରେ, ଉଭୟଙ୍କ ନିକଟରେ ଏହା ଦୃଢ କରି ଦିଆଯାଅଥିଲା ଯେ ଏହି ଶିଶୁଟି ଏକ ବିଶେଷ ଶିଶୁ ହେବ ।

### ମନୋହଙ୍କ ବଳିଦାନ :

ଏହି ସମସ୍ତ ଶୁଣି ମାନୋହ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ବଳିଦାନ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନେଲେ । ସେ ଗୋଟିଏ ପ୍ରସ୍ତର ଉପରେ କିଛି ଶସ୍ୟ ସହିତ ଗୋଟିଏ ଛୋଟ ଛେଳି ଛୁଆ ଉତ୍ସର୍ଗ କଲେ । ଏହି ନୈବେଦ୍ୟ ଉତ୍ସର୍ଗ କରାଯାଉଥିବା ସମୟରେ ସଦାପ୍ରଭୁଙ୍କ ଦୂତ ହୋମବଳିର ଅଗ୍ନିମଧ୍ୟରେ ଉର୍ଦ୍ଧ୍ୱ ଗମନ କଲେ । ଏହାପରେ ସେମାନେ ସେହିଦୂତଙ୍କୁ ଆଉ ଦେଖିନଥିଲେ । ଏହାପରେ ମାନୋହ ଏହା ଉପଲବ୍ଧି କରିଥିଲେ ଯେ ଯିଏ ସେମାନଙ୍କୁ ଦେଖାଦେଅଥିଲେ,ସେ ସଦାପ୍ରଭୁଙ୍କ ଦୂତ ଥିଲେ ।

### ପ୍ରତିଜ୍ଞା ପୂରଣ :

କିଛି ସମୟପରେ ସଦାପ୍ରଭୁଙ୍କ ଦୂତ ଯେପରି କହିଥିଲେ, ସେହିପରି ସେ ଗୋଟିଏ ପୁତ୍ରକୁ ଜନ୍ମ ଦେଲେ । ସେହି ବାଳକର ନାମ ଥିଲା ଶାମ୍‌ଶୋନ । ସେ ବୃଦ୍ଧି ପାଅବା ସମୟରେ ସଦାପ୍ରଭୁଙ୍କ ଆତ୍ମା ତାଙ୍କୁ ଆଶିର୍ବାଦ ଔ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ ।

শূন্যস্থান পূরণ কর :

ଶୂନ୍ୟସ୍ଥାନ ପୂରଣ କର :

୧· ଦୂତ ମାନୋହରଙ୍କ ସ୍ତ୍ରୀଙ୍କୁ କହିଥିଲେ ଯେ ____________________ ।

୨· ମାନୋହର ଦୂତଙ୍କୁ ____________________

ଉତ୍ସର୍ଗ କଲେ ।

୩· ଯେତେବେଳେ____________________

ସେତେବେଳେ ସେ ସଦାପ୍ରଭୁଙ୍କ ଦୂତ ଥିଲେ ବୋଲି ମନୋହର ଉପଲବ୍ଧି କରିଥିଲେ ।

୪· ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ? ____________________ ।

ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

ବିଷୟ - ୧୫

# ଶାମୁୟେଲଙ୍କ ଦ୍ୱାରା ଦାଉଦଙ୍କ ଇଭିଷେକ

## ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ :

ନିମ୍ନ ଇଧ୍ୟାୟଟିକୁ ପାଠ କରନ୍ତୁ : ୧ ଶାମୁୟେଲ ୧୬
ପାଠର ଉଦ୍ଦେଶ୍ୟ : ଈଶ୍ୱରଙ୍କ ପସନ୍ଦ ମନୁଷ୍ୟର ପସନ୍ଦ ସଦୃଶ ନୁହେଁ ବୋଲି ଶିକ୍ଷାଦେବା ।

ପାଠ୍ୟ ଯୋଜନା :
ଶାମୁୟେଲଙ୍କ ଦ୍ୱାରା ଦାଉଦଙ୍କର ଇଭିଷେକ କାହାଣୀ ଶିକ୍ଷାଦେବା - ୨୫ ମିନିଟ

ଚିତ୍ର ଦେଖାନ୍ତୁ :
ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ
ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ
ବାଅବଲ ମୁଖସ୍ଥପଦ : ୧ ଶାମୁୟେଲ ୧୯;୭
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ

## କାହାଣୀର ବଷୟବସ୍ତୁ :

### ପୃଷ୍ଠଭୂମି :

ଶାମୁୟେଲ ଦାଉଦଙ୍କୁ ଇଭିଷେକ କରିବା କାହାଣୀ ସେତେବେଳେ ଆରମ୍ଭ ହୋଅଛି, ଯେତେବେଳେ ଈଶ୍ୱର ଅସ୍ରାଏଲର ପ୍ରଥମ ରାଜା ଶାଉଲଙ୍କୁ ତାଙ୍କ ଇବାଧ୍ୟତା ଯୋଗୁ ଇଗ୍ରାହ୍ୟ କରିଛନ୍ତି ବୋଲି ଶାମୁୟେଲ ଜାଣିପାରିଥିଲେ । ଶାମୁୟେଲ ଶାଉଲଙ୍କ ପାଇଁ ଦୁଃଖ କରିଥିଲେ, କାରଣ ୧ ଶାମୁୟେଲ ୧୬;୧ ରେ ଏହା ଲେଖାଥିବାର ଦେଖାଯାଏ ଯେ ଈଶ୍ୱର ଶାମୁୟେଲଙ୍କୁ କହିଛନ୍ତି, ଶାଉଲଙ୍କ ପାଇଁ ତୁମ୍ଭେ କେତେ କାଳ ଶୋକ କରିବ, ଯେହେତୁ ଅସ୍ରାଏଲ ଉପରେ ରାଜା ଭାବରେ ଆମ୍ଭେ ତାହାକୁ ଇଗ୍ରାହ୍ୟ କରିଇଛୁ । ତୁମ୍ଭ ଶୃଙ୍ଗକୁ ତୈଳରେ ପୂର୍ଣ୍ଣକରି ଆପଣାମାର୍ଗରେ ଯାଇ; ଆମ୍ଭେ ବୈଥଲିହିମର ଯିଶୀ ନିକଟକୁ ତୁମ୍ଭକୁ ପ୍ରେରଣ କରୁଇଛୁ । ଆମ୍ଭେ ତାର ପୁତ୍ରଗଣ ମଧ୍ୟରୁ ଜଣକୁ ରାଜା ହେବାପାଇଁ ମନୋନୀତ କରିଇଛୁ । ଶାମୁୟେଲ (୧ଶାମୁୟେଲ ୧୫;୨୩) ଶାଉଲଙ୍କୁ କହିଥିଲେ । ତୁମ୍ଭେ ପରମେଶ୍ୱର ଙ୍କ ବାକ୍ୟ ଇଗ୍ରାହ୍ୟ କରିଥିବାରୁ ସେ ତୁମ୍ଭକୁ ରାଜା ଭାଜରେ ଇଗ୍ରାହ୍ୟ କରିଛନ୍ତି । ଶାଉଲ ସମସ୍ତ ଇମାଲେକୀୟଙ୍କୁ ହତ୍ୟା କରିବା ପାଇଁ ଈଶ୍ୱର ଦେଇଥିବା ଆଦେଶକୁ ପାଳନ କରିବାରେ ବିଫଳ ହୋଅଥିଲେ ଔ ଶାମୁୟେଲଙ୍କୁ ନିଜେ ସେହି କାର୍ଯ୍ୟ ଶେଷକରିବାକୁ ପଡିଥିଲା ।

### ଶାମୁୟେଲ ଯିଶୀଙ୍କ ଗୃହକୁ ଯାଅଛନ୍ତି :

ଯିଶୀ ଔ ତାଙ୍କର ଆଠ ପୁତ୍ର ବିଶିଷ୍ଟ ପରିବାର ସହିତ ବୈଥଲିହିମରେ ଗୋଟିଏ ବଳି ଉତ୍ସର୍ଗ କରିବା ପାଇଁ ଈଶ୍ୱର ଶାମୁୟେଲଙ୍କୁ ପ୍ରେରଣ କରିଥିଲେ । ସେହି ପୁତ୍ରମାନଙ୍କ ମଧ୍ୟରୁ କନିଷ୍ଠ ଦାଉଦ ମେଷ ଚରାଅବା ପାଇଁ କ୍ଷେତ୍ର ମଧ୍ୟରେ ଥିଲେ ।

### ୧ଶାମୁୟେଲ ୧୬;୫ :

ଏହାପରେ ସେ ଯିଶୀ ଔ ତାଙ୍କର ପୁତ୍ରମାନଙ୍କୁ ଶୁଚି କଲେ ଔ ସେମାନଙ୍କୁ ବଳିଦାନ ପାଇଁ ନିମନ୍ତ୍ରଣ କଲେ । ଯିଶୀ ଔ ତାଙ୍କର ପୁତ୍ରମାନଙ୍କୁ ଏକ ପବିତ୍ର ଇବସର ପାଇଁ ପ୍ରସ୍ତୁତ କରାଗଲା । ଶାମୁୟେଲ ଯିଶୀଙ୍କର ସୁନ୍ଦର ଜ୍ୟେଷ୍ଠପୁତ୍ର ଅଲୀୟାବଙ୍କ ପ୍ରତି ଆକର୍ଷିତ ହେଲେ, ମାତ୍ର ଅଶ୍ୱର କହିଲେ, ନା ଏହାପରେ ଶାମୁୟେଲ ଇବୀନାଦବ, ଶମ୍ମା ଔ ଯିଶିଙ୍କର ଉପସ୍ଥିତ ୪ ଜଣ ପୁତ୍ରଙ୍କୁ ପରୀକ୍ଷା କଲେ । ଯେତେବେଳେ ଈଶ୍ୱର ଏହି ପ୍ରତ୍ୟେକଙ୍କ ପାଇଁ ଶାମୁୟେଲଙ୍କ ହୃଦୟରେ ନା କହିଲେ, ସେତେବେଳେ ଯିଶୀଙ୍କର ଇନ୍ୟ କୌଣସି ପୁତ୍ର ଇଛନ୍ତି କି ବୋଲି ଯିଶୀଙ୍କୁ ସେ ପଚାରିଲେ । ଈଶ୍ୱର କେବେ ଭୁଲ୍ କହିବେ ନାହିଁ ଔ ସେ ଅଶ୍ୱରଙ୍କ କଥା ଭୁଲ, ବୁଝିନାହାନ୍ତି ବୋଲି ଶାମୁୟେଲ ଜାଣିଥିଲେ ଇନ୍ୟ ଜଣେ ଥିବେ ବୋଲି ସେ ଜାଣିଥିଲେ । ବାସ୍ତବରେ ଇନ୍ୟଜଣେ ପୁତ୍ର, କନିଷ୍ଠ ଦାଉଦ ଥିଲେ ଯାହାଙ୍କୁ ଏହି ଉତ୍ସବକୁ ଡାକିବା ପାଇଁ ଯିଶୀ ମଧ୍ୟ ଏତେ ବ୍ୟସ୍ତ ହୋଅ ନଥିଲେ । ସେ ମନୋନୀତ ହୋଅଥିଲେ କାରଣ ଈଶ୍ୱର ମନୁଷ୍ୟର ବାହାର ନୁହଁ, ମାତ୍ର ଭିତର ଦେଖନ୍ତି ।

## ଇଭିଷେକ ପରବର୍ତ୍ତୀ ଜୀବନ :

ଶାମୁୟେଲ ଦାଉଦଙ୍କୁ ଇଭିଷେକ କରିବା ପରେ ସେ ୧ ଔ ୨ୟ ଶାମୁୟେଲ ପୁସ୍ତକରେ ଥିବା କାହାଣୀର କେନ୍ଦ୍ର ବିନ୍ଦୁରେ ପରିଣତ ହୋଅଥିଲେ । ଈଶ୍ୱର ଦାଉଦଙ୍କୁ ଜଣେ ସଂଗୀତଜ୍ଞ ଭାବରେ ଶାଉଲଙ୍କ ଦରବାରରେ ରଖିଲେ ଯେପରିକି ସେ ଜଣେ ରାଜାର ମାର୍ଗ ସବୁ ଶିକ୍ଷା କରିପାରିବେ ଔ ରାଜାଙ୍କ ଲୋକମାନଙ୍କ ସହିତ ସଂଯୁକ୍ତ ହୋଅପାରିବେ । ସେ ସେହି ସଦାପ୍ରଭୁଙ୍କ ଶକ୍ତିରେ ବିଜୟୀ ଥିଲେ, ଯାହାଙ୍କ ଉପରେ ଏକ ମେଷ ପାଳକ ଭାବରେ ନିର୍ଭର କରିବା ସେ ଶିକ୍ଷା କରିଥିଲେ । ଶାଉଲ ମୃତ୍ୟୁବରଣ କରିବା ଔ ଦାଉଦ ରାଜା ହେବା ପର୍ଯ୍ୟନ୍ତ ଈଶ୍ୱରଙ୍କ ସମୟ ଔ ଜ୍ଞାନ ଉପରେ ନିର୍ଭର କରିବା ପାଇଁ ଈଶ୍ୱର ଦାଉଦଙ୍କୁ ଶିକ୍ଷାଦେଅ ଚାଲିଥିଲେ ।

## ଶୂନ୍ୟସ୍ଥାନ ପୂରଣ କର :

୧· ଶାଉଲ ରାଜା ଭାବରେ ଇଗ୍ରାହ୍ୟ ହୋଅଥିଲେ, କାରଣ ____________________ ।

୨· ଈଶ୍ୱର ଯିଶୀଙ୍କର ଇନ୍ୟପୁତ୍ର ମାନଙ୍କ ବିଷୟରେ କଣ କହିଥିଲେ ____________________ ।

୩· ଈଶ୍ୱରଙ୍କ ମନୋନୟନ ଭିନ୍ନ ଥିଲା କାରଣ ____________________ ।

୪· ଦାଉଦ ବିଜୟୀଥିଲେ କାରଣ ____________________ ।

୫· ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ?

## ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

## ବିଷୟ-୧୬
# ଶାଉଲ ଓ ଦାଉଦ

**ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ :**

ନିମ୍ନ ଅଧ୍ୟାୟଟିକୁ ପଢନ୍ତୁ - ୧ଶାମୂ ୧୮,୧୯ ପାର୍ବ
ପାଠର ଉଦ୍ଦେଶ୍ୟ - ଅନ୍ୟବ୍ୟକ୍ତି ପ୍ରତି ଈର୍ଷାନ୍ୱିତ ହେବା କ୍ଷତି କାରକ ବୋଲି ଶିକ୍ଷା ଦେବା

ପାଠ୍ୟ ଯୋଜନା :
ଶାଉଲ ଓ ଦାଉଦଙ୍କର କାହାଣୀ ଶିକ୍ଷା ଦେବା - ୨୫ ମିନିଟ

ଚିତ୍ର ଦେଖାନ୍ତୁ :
ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ
ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଅନ୍ତୁ - ୧୦ ମିନିଟ
ବାଇବଲ ମୁଖସ୍ଥ ପଦ : ୧ ଶାମୁ ୧୮;୧୨
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ

**କାହାଣୀର ବିଷୟ ବସ୍ତୁ :**

### ଶାଉଲଙ୍କର ଈର୍ଷା :

ଗଲିୟାତ୍‌କୁ ହତ୍ୟାକରି ଫେରିବା ବାଟରେ ଅସ୍ରାଏଲର ନଗର ସମୂହର ସ୍ତ୍ରୀମାନେ ରାଜାଶାଉଲଙ୍କୁ ସାକ୍ଷାତ୍ କରିବା ପାଇଁ ବାହାରେ ନୃତ୍ୟ ଓ ଗାନ କରୁଥିଲେ । ସେମାନଙ୍କ ନିକଟରେ ବାଦ୍ୟଯନ୍ତ୍ରଥିଲା ଓ ସେମାନଙ୍କ ଶତ୍ରୁ ପଲେଷ୍ଟୀୟମାନେ ପରାଜିତ ହୋଇଥିବାରୁ ସେମାନେ ଅତ୍ୟନ୍ତ ଆନନ୍ଦିତ ଥିଲେ । ସେମାନେ ଆନନ୍ଦ କରୁଥିବା ସମୟରେ ସ୍ତ୍ରୀ ଲୋକମାନେ କହୁଥିଲେ । ଶାଉଲ ବଧ କଲେ ସହସ୍ର, ସହସ୍ର ଓ ଦାଉଦ ବଧ କଲେ ଅୟୁତ, ଅୟୁତ । ଏହା ଶାଉଲଙ୍କୁ କ୍ରୋଧାନ୍ୱିତ କଲା ସ୍ତ୍ରୀମାନେ ଏହା କହୁଥିବାରୁ ସେ ଅତ୍ୟନ୍ତ ଅସନ୍ତୁଷ୍ଟ ହେଲେ । ସେ କହିଲେ, ଦାଉଦ ଅୟୁତ ଅୟୁତ ଓ ମୁଁ କେବଳ ସହସ୍ର ସହସ୍ର ହତ୍ୟାକଲି ବୋଲି ସେମାନେ କହୁଛନ୍ତି । ସେ ସେମାନଙ୍କ ସମସ୍ତ ପ୍ରଶଂସା ପାଇଛନ୍ତି । କେବଳ ଯାହା ରାଜା ହେବା ତାଙ୍କ ପାଇଁ ଅବଶିଷ୍ଟ ରହିଛି । ସେହି ସମୟ ଠାରୁ ଶାଉଲ ଦାଉଦଙ୍କୁ ଈର୍ଷାକଲେ । ସେ ତାଙ୍କ ପ୍ରତି ଅତ୍ୟନ୍ତ ଅର୍ଷାନ୍ୱିତ ହେଲେ ।

### ଗୋଟିଏ ମନ୍ଦ ଆତ୍ମାଦ୍ୱାରା ଶାଉଲ ଯନ୍ତ୍ରଣାଗ୍ରସ୍ତ :

ଅତୀତରେ, ରାଜା ଶାଉଲ ଈଶ୍ୱରଙ୍କର ଅବାଧ୍ୟ ହେଲେ ଓ ଏହାଫଳରେ ଗୋଟିଏ ମନ୍ଦ ଆତ୍ମା ବେଳେବେଳେ ତାଙ୍କୁ ବ୍ୟତିବ୍ୟସ୍ତ କଲା ଶାଉଲଙ୍କ ଉପରେ ମନ୍ଦଆତ୍ମା ଆସିବା ସମୟରେ ତାଙ୍କୁ ଶାନ୍ତ କରିବା ପାଇଁ ଦାଉଦ ବୀଣା ବଜାଉଥିଲେ । ଯେଉଁ ଦିନ ସ୍ତ୍ରୀମାନେ ସେମାନଙ୍କ ଗୀତ ଗାଇଥିଲେ, ତାପରଦିନ ମନ୍ଦାତ୍ମା ପୁଣି ଥରେ ଶାଉଲଙ୍କୁ ଆକ୍ରାନ୍ତ କଲା । ଆଉ ସେଥି ପାଇଁ, ଅନ୍ୟସମୟ ପରି ଦାଉଦ ତାଙ୍କୁ ସାନ୍ତ୍ୱନା ଦେବାପାଇଁ ତାଙ୍କ ପାଇଁ ବୀଣା ବାଦନ କଲେ । ଦାଉଦ ସୁନ୍ଦର ଭାବରେ ବୀଣା ବାଦନ କରୁଥିବା ସମୟରେ ରାଜା ଶାଉଲଙ୍କ ହସ୍ତରେ ଏକ ତୀକ୍ଷଣ ଯଷ୍ଟି ଥିଲା । ଲୋକମାନଙ୍କୁ ହତ୍ୟା କରିବା ପାଇଁ ଏହି ଯଷ୍ଟି ବ୍ୟବହାର କରାଯାଉଥିଲା । ଏହା ବର୍ଚ୍ଛା ସଦୃଶ ଥିଲା । ଦାଉଦ ବଜାଉଥିବା ସମୟରେ ରାଜା ଶାଉଲ ମନେମନେ କହିଲେ, ମୁଁ ଦାଉଦଙ୍କୁ ଏହା ଦ୍ୱାରା ପ୍ରାଚୀର ସହିତ ବିଦ୍ଧ କରିବି । ରାଜା ଶାଉଲ ଦାଉଦଙ୍କ ପ୍ରତି ଦୁଇଥର ଯଷ୍ଟି ଫିଙ୍ଗିଲେ, ମାତ୍ର ଦୁଇଥର ଦାଉଦ ନିଜକୁ ବଞ୍ଚାଇଦେଲେ । ଏହି ପରି ଭାବରେ, ଈଶ୍ୱର ଶାଉଲଙ୍କ ହସ୍ତରୁ ଦାଉଦଙ୍କୁ ରକ୍ଷା କଲେ ।

### ଦାଉଦ ଓ ଈଶ୍ୱର :

ଶାଉଲ ଦାଉଦଙ୍କୁ ଭୟ କରୁଥିଲେ କାରଣ ସଦାପ୍ରଭୁ ଦାଉଦଙ୍କ ସହିତ ଥିଲେ ଓ ଶାଉଲଙ୍କୁ ପରିତ୍ୟାଗ କରିଥିଲେ । ସେଥିପାଇଁ, ଶାଉଲ ଦାଉଦଙ୍କୁ ବାହାର କରି ତାଙ୍କୁ ଏକ ସହସ୍ର ବ୍ୟକ୍ତି ଉପରେ ନିଜର ସେନାପାତି କରିଥିଲେ । କିନ୍ତୁ ଦାଉଦ ସମସ୍ତ ମାର୍ଗରେ ଅତିଜ୍ଞାନର ସହିତ ଆଚରଣ କରୁଥିଲେ ଓ ସଦାପ୍ରଭୁ ତାଙ୍କର ସହବର୍ତ୍ତୀଥିଲେ । ସେଥି ପାଇଁ ଯେତେବେଳେ ଶାଉଲ ଏହା ଦେଖିଲେ, ସେତେବେଳେ ଦାଉଦଙ୍କୁ ଭୟ କଲେ । ମାତ୍ର ସମସ୍ତ ଅସ୍ରାଏଲ ଓ ଯିହୁଦା ଦାଉଦଙ୍କୁ ପ୍ରେମ କରୁଥିଲେ କାରଣ ସେ ସେମାନଙ୍କ ମଧ୍ୟରେ ବାସ କରୁଥିଲେ । ଦାଉଦଙ୍କର ଏହି କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ଶାଉଲଙ୍କୁ ଅତି ଅସୁରକ୍ଷିତ ଓ କ୍ରୋଧାନ୍ୱିତ କରିଥିଲା ।

## ଶୂନ୍ୟସ୍ଥାନ ପୂରଣ କର :

୧. ଶାଉଲ ଏହି ବିଷୟରେ ଇତି କ୍ରୋଧାନ୍ୱିତ ହୋଇଥିଲେ ଯେ ________________________________।

୨. ଦାଉଦ ଶାଉଲଙ୍କ ଦରବାରରେ କାହିଁକି ଉପସ୍ଥିତ ଥିଲେ ________________________________।

୩. ଶାଉଲ ________________________________

ଦ୍ୱାରା ଦାଉଦଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ ?

୪. ଦାଉଦଙ୍କ ଯୋଗୁ ଶାଉଲ ଭୟଭୀତ ଔ ଇସୁରକ୍ଷିତ ଥିଲେ କାରଣ ________________________________।

୫. ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ? ________________________________।

## ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

## ବିଷୟ-୧୭
# ସାରୀଫତ୍‌ର ବିଧବା

**ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ :**

ନିମ୍ନ ଇଧ୍ୟାୟଟିକୁ ପଢନ୍ତୁ : ୧ ଶାମୁୟେଲ ୧୭;୭-୨୪
ପାଠର ଉଦେଶ୍ୟ - ଈଶ୍ୱର ଜଣେ ହୃଷ୍ଟଚିତ୍ତ ଦାତାଙ୍କୁ ଆଶୀର୍ବାଦ କରନ୍ତି ବୋଲି ଶିକ୍ଷା ଦେବା ।

ପାଠ୍ୟ ଯୋଜନା :
ବିଧବାର ଦାନସମ୍ବନ୍ଧୀୟ କାହାଣୀ ଶିକ୍ଷାଦେବା - ୨୫ ମିନିଟ
ଚିତ୍ର ଦେଖାନ୍ତୁ -
ଗୋଟିଏ ସଂପୃକ୍ତ ଗୀତ ସିଖାନ୍ତୁ - ୧୦ ମିନିଟ
ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ
ବାଅବଲ ମୁଖସ୍ଥ ପଦ : ୨ କରିନ୍ଥୀ ୯;୯-୭
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ

**କାହାଣୀର ବିଷୟବସ୍ତୁ :**

### ଏଲୀୟଙ୍କର ଇନୁରୋଧ :

ଇନେକଦିନ ପରେ, ଏଲିୟଙ୍କ ଝରଣାର ଜଳ ଶୁଷ୍କ ହୋଅଗଲା । ସାରୀଫତ୍ ନାମକ ଗୋଟିଏ ସ୍ଥାନରେ ଜଣେ ବିଧବାଙ୍କ ନିକଟକୁ ଯିବାପାଇଁ ଈଶ୍ୱର ତାଙ୍କୁ କହିଲେ । ଇତି ସୁନିଶ୍ଚିତ ହୋଅ ଏଲିୟ ଯେତେବେଳେ ପହଞ୍ଚିଲେ, ସେତେବେଳେ ଜଣେ ସ୍ତ୍ରୀକୁ କାଠସବୁ ସାଉଣ୍ଟୁଥିବାର ଦେଖିଲେ । ସେ ତାକୁ ଡାକି କହିଲେ, ମୋତେ ପିଅବା ପାଇଁ କିଛି ଜଳ ଦେବ କି ? ସେ ରାଜିହେଲା । ସେ ଜଳ ଆଣିବା ପାଇଁ ଯାଉଥିବା ସମୟରେ ଏଲିୟ ଆହୁରି କହିଲେ, ତୁମେ ମୋ ପାଇଁ ଖଣ୍ଡେରୋଟୀ ଆଣି ପାରିବ କି ? ସେ କହିଲା, ଈଶ୍ୱର ଜୀବିତ ଥିବା ପ୍ରମାଣେ, ମୋ ପାଖରେ କିଛି ନାହିଁ । ମୋ ପାଖରେ ଇଳ୍ପକିଛି ତୈଳ ଔ ମୁଠିଏ ମଅଦା ଇଛି । ବର୍ତ୍ତମାନ ମୁଁ ଚୂଲୀ ଜଳାଅବା ପାଇଁ ଏହି କାଠ ଗୁଡିକୁ ନେଉଇଛି । ମୁଁ ମୋ ପାଇଁ ଔ ମୋର ପୁତ୍ର ପାଇଁ ସେହି ଶେଷ ରୋଟୀ ପ୍ରସ୍ତୁତ କରିବି । ଏହାପରେ ଆମେ ତାହା ଖାଅ ମୃତ୍ୟୁବରଣ କରିବୁ ।

### ଏଲିୟଙ୍କର ପ୍ରତିଜ୍ଞା ଔ ସଫଳତା :

ଏଲିୟ କହିଲେ, ବ୍ୟସ୍ତ ହୁଇ ନାହିଁ । ତୁମ୍ଭେ ଯାଅ ରୋଟୀ ପ୍ରସ୍ତୁତ କର । ମାତ୍ର ଏହାପରେ ଏହା ମୋନିକଟକୁ ଆଣ । ତତ୍‌ପରେ ତୁମେ ତୁମ ପାଇଁ ଔ ତୁମ ପୁତ୍ର ପାଇଁ ଆହୁରି ଇଧିକ ପ୍ରସ୍ତୁତ କରିପାରିବ । କାରଣ ଈଶ୍ୱର ମୋତେ ଏହା କହିଛନ୍ତି ଯେ ତୁମର ମଅଦା ଶେଷ ହେବ ନାହିଁ, ଔ ତୁମର ତୈଳ ଶୁଷ୍କ ହେବ ନାହିଁ । ଯେପର୍ଯ୍ୟନ୍ତ ଈଶ୍ୱର ଏହି ଦେଶ ପ୍ରତି ବୃଷ୍ଟି ପ୍ରେରଣ କରିନାହାନ୍ତି, ସେ ପର୍ଯ୍ୟନ୍ତ ତୁମର ମଅଦା ଔ ତୈଳ ଶେଷ ହେବ ନାହିଁ । ସେହି ବିଧବା ଗୃହକୁ ଯାଅ ଏଲିୟ ଯେପରି କହିଥିଲେ, ସେହିପରି କଲା । ପୁଣି ସେ ଠିକ୍ କହିଥିଲେ । ମଅଦା ଔ ତୈଳ ଶେଷ ହେଲାନାହିଁ । ସେ ଇନେକ ଦିନ ଧରି ପ୍ରତ୍ୟେକ ଦିନ ରୋଟୀ ପ୍ରସ୍ତୁତ କଲା । ତାର ମଅଦା ଔ ତୈଳ ଈଶ୍ୱର ବୃଷ୍ଟି ପ୍ରେରଣ କରିବା ପର୍ଯ୍ୟନ୍ତ ଶେଷ ହେଲାନାହିଁ ।

### ତାର ପୁତ୍ରକୁ ମୃତ୍ୟୁରୁ ଉଠାଅବା :

କିଛି ଦିନ ପରେ ସେହି ବିଧବାର ପୁତ୍ର ଇସୁସ୍ଥ ହୋଅ ମୃତ୍ୟୁ ବରଣ କରିବାରୁ ସେ କ୍ରୋଧାନ୍ୱିତ ହେଲା ତାର ପୁତ୍ରକୁ ପୁଣିଥରେ ଫେରାଅ ଆଣିବା ପାଇଁ ଏଲିୟ କହିଲେ ଔ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ । ଏହି ଉତ୍ତମ ସ୍ତ୍ରୀ ପ୍ରତି ଏହି ପ୍ରକାର ବିପଦ କାହିଁକି ଆଣିଲେ ବୋଲି ସେ ଈଶ୍ୱରଙ୍କୁ ପ୍ରଶ୍ନ କଲେ । ଏହାପରେ ସେ ନିଜକୁ ସେହି ବାଳକ ଉପରେ ୩ଥର ଲମ୍ବାଅଲେ ଔ ଅଶ୍ୱର ଯେପରି ତାକୁ ଉଠାଅବେ, ଏଥିପାଇଁ  ପ୍ରାର୍ଥନାକଲେ । ସଦାପ୍ରଭୁତାଙ୍କ ପ୍ରାର୍ଥନା ଶୁଣିଲେ ଔ ବାଳକଟି ଜୀବିତ ହେଲା । ଏଥିରେ ବିଧବାଟି ଖୁସି ହୋଅ ସେ ଯେ ଈଶ୍ୱରଙ୍କ ଦାସ, ତାହା ବିଶ୍ୱାସ କଲା ।

## ଶୂନ୍ୟସ୍ଥାନ ପୂରଣ କର :

୧· ଏଲିୟଙ୍କୁ ବିଧବା ନିକଟକୁ ପ୍ରେରଣ କରାଯାଅଥିଲା, କାରଣ ______________________।

୨· ବିଧବାଟି ଖାଦ୍ୟ ଦେବା ପାଇଁ କାହିଁକି ଅଛାକରୁନଥିଲା ______________________।

୩· ଈଶ୍ୱର ତା ନିକଟରେ ଏହି ପ୍ରତିଜ୍ଞା କରିଥିଲେ ଯେ ______________________।

୪· ଏଲିୟ ______________________

କରିବା ଦ୍ୱାରା ତାର ପୁତ୍ର ପାଇଁ ପ୍ରାର୍ଥନା କରିଥିଲେ ।

୫· ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ? ______________________।

## ଜିବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

ବିଷୟ-୧୮

# ଗିହେଜୀର ଲୋଭ

| ଶିକ୍ଷକଙ୍କ ପ୍ରତି ସୂଚନା : |
|---|
| ନିମ୍ନ ଇଧ୍ୟାୟଟିକୁ ପାଠ କରନ୍ତୁ : ୨ ରାଜା ୫;୨୦-୨୭<br>ପାଠର ଉଦ୍ଦେଶ୍ୟ : ଲୋଭୀ ହେବା ଭୁଲ ବୋଲି ଶିକ୍ଷାଦେବା<br><br>ପାଠ୍ୟ ଯୋଜନା :<br>ଗିହେଜୀର ଲୋଭ ବିଷୟକ କାହାଣୀ ଶିକ୍ଷାଦେବା - ୨୫ ମିନିଟ<br><br>ଚିତ୍ର ଦେଖାନ୍ତୁ :<br>ଗାଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ<br>ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ<br>ବାଅବଲ ମୁଖସ୍ଥ ପଦ : ହିତୋ ୧୫;୨୭<br>ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ । |

## କାହାଣୀର ବିଷୟବସ୍ତୁ :

### ଦାସ ଗିହେଜୀ :

ଅଲୀଶାୟଙ୍କ ସାହାଯ୍ୟ କାରୀ ସେହି ବ୍ୟକ୍ତି ଥିଲା, ଯିଏଦ୍ୱାର ନିକଟକୁ ଆସି ଯର୍ଦ୍ଦନ ନଦୀରେ ସାତଥର ବୁଡିବା ପାଇଁ ନାମାନଙ୍କୁ କହିଥିଲା । ଇଲୀଶାୟଙ୍କର ସେହି ସାହାଯ୍ୟ କାରୀର ନାମ ଥିଲା ଗିହେଜୀ । ଅଲୀଶାୟଙ୍କ ନିକଟକୁ ନାମାନ ଯେଉଁ ସମସ୍ତ ରୂପା ଔ ଦ୍ରବ୍ୟ ଉପହାର ଭାବରେ ଆଣିଥିଲେ, ସେଗୁଡିକୁ ଗିହେଜୀ ଲକ୍ଷ୍ୟ କରିଥିଲା । ନାମାନ ସୁସ୍ଥ ହେବାପରେ ଅଲୀଶାୟଙ୍କୁ ଧନ୍ୟବାଦ ଔ ବହୁମୂଲ୍ୟ ଉପହାର ଦେବା ପାଇଁ ଫେରିଆସିଥିଲେ । ଅଲୀଶାୟ ନାମାନଙ୍କୁ ଏହା କହିଥିଲେ ଯେ ସେ ଉପହାର ନେବାକୁ ଅଛାକରୁ ନାହାନ୍ତି କାରଣ ଈଶ୍ୱର ତାଙ୍କୁ ସୁସ୍ଥ କରିଛନ୍ତି । ସେଥିପାଇଁ ନାମାନ ଔ ତାଙ୍କର ସେବକମାନେ ଇନ୍ୟଦେଶରେ ଥିବା ସେମାନଙ୍କ ଗୃହକୁ ଫେରିବା ଆରମ୍ଭ କରିଥିଲେ ।

### ଗିହେଜୀର ଯୋଜନା କାର୍ଯ୍ୟକାରୀ ହେଲା :

ନାମାନ୍ ଆଣିଥିବା ସମସ୍ତ ସୁନ୍ଦର ପୋଷାକ ଔ ନାମାନଙ୍କ ଥଳୀରେ ଠଣ୍ ଠଣ୍ କରୁଥିବା ଇନେକ ରୂପାଖଣ୍ଡ ବିଷୟରେ ଗିହେଜୀ ଚିନ୍ତାକରିବା ଆରମ୍ଭ କଲା । ସେ ପ୍ରଲୋଭିତ ହୋଅ ସେହି ସମସ୍ତ ଧନରୁ କିଛି ପାଅବାକୁ ଅଛା କଲା । ନାମାନ୍ଙ୍କୁ ଗୋଟିଏ ମିଥ୍ୟା କହିବାପାଇଁ ଚିନ୍ତାକରି ତାଙ୍କ ନିକଟକୁ ଦୌଡିଲା । ନାମାନ୍ଙ୍କର ଦେଖା ପାଅବାପରେ ତାକୁ ଦେଖି ନାମାନ୍ ଖୁସି ହେଲେ । ଗିହେଜୀ ନାମାନଙ୍କୁ ଗୋଟିଏ ମିଥ୍ୟା କହିଲା । ଅଲୀଶାୟଙ୍କୁ ସାକ୍ଷାତ୍ କରିବା ପାଇଁ ଦୁଅଜଣ ବ୍ୟକ୍ତି ଆସିଛନ୍ତି ଔ ସେଥିପାଇଁ ସେ ରୂପା ଔ ଦୁଅ ଯୋଡା ବସ୍ତ୍ର ଆବଶ୍ୟକ କରୁଛନ୍ତି ବୋଲି ସେ କହିଲା । ସାହାଯ୍ୟ କରିବା ପାଇଁ ନାମାନ୍ ଏତେ ଖୁସିଥିଲେ ଯେ ସେ ଗିହେଜୀକୁ ଦୁଅଗୁଣ ରୂପା ଔ ଦୁଅ ଯୋଡା ବସ୍ତ୍ର ଦେଲେ । ଗିହେଜୀ ଔ ତାର ଦାସ ଗିହେଜୀର ଗୃହକୁ ଫେରି ଆସିଲେ । ସେ ସେହି ଧାନକୁ ଲୁଚାଅ ଅଲୀଶାୟଙ୍କ ଗୃହକୁ ଫେରି ଆସିଲା ।

### ଲୋଭରଫଳ :

ଯେତେବେଳେ ସେ ପହଞ୍ଚିଲେ, ସେତେବେଳେ ସେ କେଉଁଠିକୁ ଯାଅଥିଲେ ବୋଲି ଅଲୀଶାୟ ତାଙ୍କୁ ପ୍ରଶ୍ନ କଲେ । ଗିହେଜୀ ପୁନର୍ବାର ମିଥ୍ୟା କହିଲେ । ସେ କେଉଁ ଆଡକୁ ଯାଅନାହାନ୍ତି ବୋଲି ଅଲୀଶାୟଙ୍କୁ କହିଲେ । ଏହାପରେ ଅଲୀଶାୟ ଗିହେଜୀଙ୍କୁ କହିଲେ ଯେ ସେ ନାମାନଙ୍କ ନିକଟକୁ ଯାଅ ତାଙ୍କୁ ଲୋଭରେ ଯେଉଁ ସବୁଦ୍ରବ୍ୟ ମାଗିଲେ, ତାହା ଈଶ୍ୱର ତାଙ୍କୁ ଦେଖାଅ ଇଛନ୍ତି । ଗିହେଜୀ ଧରାପଡିଲେ । ଅଲୀଶାୟ ସତ୍ୟ ଜାଣିଛନ୍ତି ବୋଲି ସେ ଜାଣିଲେ । ତାଙ୍କର ଲୋଭ ଔ ଠକାମୀ ଯୋଗୁ ତାଙ୍କୁ ବର୍ତ୍ତମାନ କୃଷ୍ଠରୋଗ ହେବ ବୋଲି ଅଲୀଶାୟ କହିଲେ । ତତ୍‌କ୍ଷଣାତ୍ ଗିହେଜୀ ବରଫପରି ଶ୍ୱେତବର୍ଣ୍ଣ ଘାରେ ପରିପୂର୍ଣ୍ଣ ହେଲା ।

**ଶୂନ୍ୟସ୍ଥାନ ପୂରଣ କର :**

୧. ଗିହେଜୀ ____________________________________________

ଥିଲା ଓ ସେ ମାନଙ୍କୁ କହିଲା ଯେ ।

୨. ଅଲୀଶାୟ ____________________________________________

କହି କୌଣସି ଉପହାର ନେବାପାଇଁ ଇସମ୍ମତ ହେଲେ ।

୩. ଗିହେଜୀ ନାମାନ୍‌ଙ୍କ ଠାରୁ ସେହି ଉପହାର ନେବାକୁ କିପରି ଗ୍ରହଣ କଲେ ଯାହା ନେବାପାଇଁ ଅଲୀଶାୟ ଇସମ୍ମତ ହୋଇଥିଲେ ।

୪. ଗିହେଜୀ କାହିଁକି ଓ କିପରି ଦଣ୍ଡିତ ହେଲା ____________________________________________ ।

୫. ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ?

ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବା ପରେ ତୁମେ କେଉଁ ନିଷ୍ପତ୍ତି ନେବ?

ବିଷୟ-୧୯

# ତିନିଜଣ ଏବ୍ରୀୟ ଯୁବକ

| ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ : |
| --- |
| ନିମ୍ନ ଇଧ୍ୟାୟଟିକୁ ପାଠକରନ୍ତୁ : ଦାନିୟେଲ ୩;୧-୩୦<br>ପାଠର ଉଦ୍ଦେଶ୍ୟ : ଯେଉଁ ମାନେ ଈଶ୍ୱରଙ୍କ ଠାରେ ସର୍ବାନ୍ତଃ କରଣରେ ବିଶ୍ୱାସ କରନ୍ତି, ସେ ସେମାନଙ୍କୁ ରକ୍ଷା କରନ୍ତି ବୋଲି ଶିକ୍ଷା ଦେବା ।<br><br>ପାଠ୍ୟ ଯୋଜନା :<br>ତିନୋଟି ଏବ୍ରୀୟ ଯୁବକ ବିଷୟରେ ଶିକ୍ଷାଦେବା - ୨୫ ମିନିଟ<br><br>ଚିତ୍ର ଦେଖାନ୍ତୁ :<br>ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ<br>ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ<br>ବାଅବଲ ମୁଖସ୍ଥ ପଦ : ଗୀତ ୪୯;୫<br>ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ । |

## କାହାଣୀର ବିଷୟ ବସ୍ତୁ :

### ଯୁବକଗଣ ଓ ରାଜାଙ୍କ ଆଦେଶ :

ରାଜାଙ୍କ ନାମ ନବୁଖଦ୍‌ନିତ୍ସର ଇଟେ ଓ ତିନିଜଣ ଯୁବକ ଶଦ୍ରକ୍ ମୈଶକ ଓ ଇବେଦ୍‌ନଗୋ ଭାବରେ ପରିଚିତ ଥିଲେ । ସେମାନେ ବାବିଲୋନ ନାମକ ଏକ ସ୍ଥାନରେ ବାସ କରୁଥିଲେ ଓ ରାଜାଙ୍କ ପାଇଁ କାର୍ଯ୍ୟ କରୁଥିଲେ । ବାବିଲ ପ୍ରଦେଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିଲା । ଦିନେ ରାଜା ଗୋଟିଏ ୯୦ ଫୁଟ ଉଚ୍ଚର ବିଶାଳସ୍ୱର୍ଣ୍ଣ ପ୍ରତିମା ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଲେ । ଏହାପରେ ରାଜା ନବୁଖଦ୍‌ନିତ୍ସର ଏହି ଘୋଷଣା କଲେ ଯେ ଯେତେବେଳେ ବାଦ୍ୟଯନ୍ତ୍ର ବାଜିବ, ସେତେବେଳେ ସମସ୍ତେ ସେହି ପ୍ରତିମାନିକଟରେ ପ୍ରଣାମ କରିବେ । ସେଥିପାଇଁ ଯିଏ ଯାହା କରୁଥିଲା ତାହା ବନ୍ଦ କରି ଦେବତା ସମ୍ମୁଖରେ ପ୍ରଣାମ କଲା । ଶଦ୍ରକ୍ ମୈଶକ୍ ଓ ଇବେଦ୍ ନଗୋଙ୍କ ବ୍ୟତୀତ ସମସ୍ତେ ତାହା କଲେ । ରାଜାଙ୍କର କେତେକ କର୍ମଚାରୀ ସେମାନଙ୍କୁ ପ୍ରଣାମ କରୁନଥିବାର ଦେଖି ସଙ୍ଗେ ସଙ୍ଗେ ରାଜାଙ୍କୁ ସମ୍ବାଦ ଦେବା ପାଇଁ ଦୌଡିଲେ । ଯେତେବେଳେ ରାଜା ନବୁଖଦ୍‌ନିତ୍ସର ଏହି ସମ୍ବାଦଶୁଣିଲେ, ସେ ଇତ୍ୟନ୍ତ କ୍ରୋଧାନ୍ୱିତ ହେଲେ । ସେମାନଙ୍କ କାର୍ଯ୍ୟର କାରଣ ବୁଝାଅବା ପାଇଁ ଶଦ୍ରକ୍, ମୈଶକ ଓ ଇବେଦ୍‌ନଗୋଙ୍କୁ ତାଙ୍କ ସମ୍ମୁଖକୁ ଇଣାଯାଉ ବୋଲି ସେ ସଙ୍ଗେ ସଙ୍ଗେ ଆଦେଶ ଦେଲେ । ଈଶ୍ୱର ସେମାନଙ୍କୁ ରକ୍ଷା କରନ୍ତୁ ଇବା ନକରନ୍ତୁ, ସେମାନେ ପ୍ରଣାମ କରିବେ ନାହିଁ ବୋଲି କହିଲେ ।

### ରାଜାଙ୍କର ପ୍ରତିକ୍ରିୟା :

ତାହା ନବୁଖଦ୍‌ନିତ୍ସରଙ୍କୁ କ୍ରୋଧନ୍ୱିତ କଲା । ସଙ୍ଗେ ସଙ୍ଗେ ଇଗ୍ନିକୁଣ୍ଡକୁ ସାତଗୁଣ ଉତ୍ତପ୍ତକରି ଶଦ୍ରକ୍, ମୈସକ୍ ଓ ଇବେଦ୍‌ନଗୋଙ୍କୁ ଇଗ୍ନିରେ ନିକ୍ଷେପ କରିବା ପାଇଁ ସେ ନିଜର କେତେକ ଇତି ବଳିଷ୍ଠ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଲେ । ସୈନିକମାନେ ସେହି ତିନି ଯୁବକଙ୍କୁ ନେଅ ଇଗ୍ନିକୁଣ୍ଡରେ ନିକ୍ଷେପ କଲେ । ସେହି ବ୍ୟକ୍ତିମାନେ ସେମାନଙ୍କର ଜାମା ଓ ଜଙ୍ଘିଆ, ଓ ସେମାନଙ୍କ ମୁଣ୍ଡର ପଗଡି ସହିତ ସମସ୍ତ ପୋଷାକ ପରିଧାନ କରିଥିଲେ । ଏହି ସବୁ ପଦାର୍ଥରେ ଇଗ୍ନିକୁଣ୍ଡ ଇଗ୍ନି ଇତିଶୀଘ୍ର ଲାଗିଯାଏ । ସୈନିକମାନେ ଏହି ବ୍ୟକ୍ତିମାନଙ୍କୁ ଇଗ୍ନିକୁଣ୍ଡ ମଧ୍ୟକୁ ଠେଲୁଥିବା ସମୟରେ ଇଗ୍ନିଶିଖା ସେହି ସୈନିକମାନଙ୍କୁ ଦଗ୍‌ଧକଲା ଓ ଶଦ୍ରକ୍ ମୈଶକ୍ ଓ ଇବେଦ୍‌ନଗୋ ଇତିଉତ୍ତପ୍ତ ଇଗ୍ନିକୁଣ୍ଡ ମଧ୍ୟରେ ନିକ୍ଷିପ୍ତ ହେଲେ ।

### ଈଶ୍ୱର ହସ୍ତକ୍ଷେପ କରନ୍ତି :

ପରେ ରାଜା ଇଗ୍ନିକୁଣ୍ଡ ମଧ୍ୟରେ ଚାରିଜଣ ବ୍ୟକ୍ତିଙ୍କୁ ଚାଲୁଥିବାର ଦେଖିଲେ ଓ ଆଶ୍ଚର୍ଯ୍ୟ ହେଲେ । ସେ ସେମାନଙ୍କୁ ବାହାରି ଆସିବା ପାଇଁ କହିଲେ । ସେଥିପାଇଁ ସେହି ତିନିଜଣ ବ୍ୟକ୍ତି କୌଣସି ପୋଡା ଘା, କିମ୍ବା ମସ୍ତକର ଗୋଟିଏ କେଶ ସୁଦ୍ଧା ଦଗ୍‌ଧୀଭୂତ ହେବା ବିନା ଇଗ୍ନିକୁଣ୍ଡ ମଧ୍ୟରୁ ବାହାରି ଆସିଲେ । ସେମାନଙ୍କର ପୋଷାକ ସଂପୂର୍ଣ୍ଣ ଭାବରେ ଠିକ୍‌ଠାକ୍ ଥିଲା ଓ ସେମାନଙ୍କଠାରେ ଇଗ୍ନିର ଗନ୍ଧ ସୁଦ୍ଧା ନଥିଲା । ସେହି ମୁହୂର୍ତ୍ତରେ, ନବୁଖଦ୍‌ନିତ୍ସର ଏହା ଜାଣି ପାରିଲେ ଯେ ସେମାନେ କୌଣସି ମିଥ୍ୟା ପ୍ରତିମାକୁ ନୁହେଁ, ମାତ୍ର

ଏକ ବାସ୍ତବ ଈଶ୍ୱରଙ୍କୁ ପୂଜା କରୁଥିଲେ । ସେମାନଙ୍କୁ ଆଘାତରୁ ରକ୍ଷା କରିବା ପାଇଁ ଈଶ୍ୱର ଜଣେ ଦୂତଙ୍କୁ ପ୍ରେରଣ କରିଥିଲେ ଔ ସେ ଇତିଗୁରୁତ୍ୱ ପୂର୍ଣ୍ଣ ଭବାରେ ଏହା ଉପଲବ୍ଧି କରିଥିଲେ ଯେ ସେମାନେ ବାସ୍ତବରେ ଈଶ୍ୱରଙ୍କ ଠାରେ ବିଶ୍ୱାସ ଔ ଭରାସା କରୁଥିଲେ ।

ଶୂନ୍ୟସ୍ଥାନ ପୂରଣ କର :

୧· ରାଜା ସମସ୍ତଙ୍କୁ ଏହି ଆଦେଶ ଦେଅଥିଲେ ଯେ ________________________________ ।

୨· ରାଜା ୩ ଜଣ ହିବ୍ରୁ ଯୁବଙ୍କ ପ୍ରତିକୁଦ୍ଧ ଥିଲେ କାରଣ ________________________________ ।

୩· ସେମାନେ ________________________________

ଦ୍ୱାରା ଦଣ୍ଡିତ ହୋଅଥିଲେ ।

୪· ଆଶ୍ଚର୍ଯ୍ୟ କର୍ମ ଦେଖିବାପରେ ନବୂଖଦ୍‌ନିସ୍ରର କଣ ଉପଲବ୍ଧି କରିଥିଲେ ।

୫· ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ?

## ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

ବିଷୟ-୨୦

# ଯିଶୁଙ୍କର ଜନ୍ମ

**ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ :**

ନିମ୍ନ ଇଧ୍ୟାୟଟିକୁ ପଢନ୍ତୁ : ମାଥିଉ ୧-୨, ଲୂକ ୧-୨
ପାଠର ଉଦ୍ଦେଶ୍ୟ : ଯୀଶୁଙ୍କ ଆଶ୍ଚର୍ଯ୍ୟ ଜନକ ଜନ୍ମର ମୂଲ୍ୟ ସମ୍ବନ୍ଧରେ ପିଲାମାନଙ୍କୁ ଶିକ୍ଷାଦେବା ।

ପାଠ୍ୟ ଯୋଜନା :
ଯୀଶୁଙ୍କ ଜନ୍ମ କାହାଣୀ ଶିକ୍ଷାଦେବା - ୨୫ ମିନିଟ

ଚିତ୍ର ଦେଖାନ୍ତୁ :
ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ
ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ
ବାଅବଲ ମୁଖସ୍ଥ ପଦ : ମାଥିଉ ୧;୨୧
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ

## କାହାଣୀର ବିଷୟବସ୍ତୁ :

### ମରିୟମଙ୍କ ସହିତ ଜଣେ ଦୂତଙ୍କର ସାକ୍ଷାତ୍ :

ପ୍ରାୟ ୨୦୦୦ ବର୍ଷ ପୂର୍ବେ ଥରେ ଗାବ୍ରୀଏଲ ନାମ ଜଣେ ଦୂତ ମରିୟମ ନାମ୍ନୀ ଜଣେ ଯିହୁଦୀ ଯୁବତୀଙ୍କୁ ଦେଖାଦେଲେ । ଗାବ୍ରୀଏଲ୍ ମରିୟମଙ୍କୁ ଏହା କହିଲେ ଯେ ତାଙ୍କର ଯୀଶୁ ନାମରେ ଏକ ପୁତ୍ର ହେବେ, ଯିଏ ଈଶ୍ୱରଙ୍କ ପୁତ୍ର ହେବେ । ମରିୟମ ଏହି ତତ୍କାଳୀନ ସମ୍ବାଦ ବିଷୟରେ ଦ୍ୱନ୍ଦ୍ୱଗ୍ରସ୍ତ ଓ ବ୍ୟସ୍ତ ହେଲେ, ମାତ୍ର ଈଶ୍ୱରଙ୍କ ଠାରେ ତାଙ୍କର ବିଶ୍ୱାସ ଥିବାରୁ ସେ କହିଲେ, ମୁଁ ସଦାପ୍ରଭୁଙ୍କର ଦାସୀ, ଆପଣ ଯେପରି କହିଲେ, ମୋ ପ୍ରତି ସେପରି ଘଟୁ । ପବିତ୍ର ଆତ୍ମା ତାଙ୍କ ଆବୋରିବା ସମୟରେ ଏହା ଘଟିବ ବୋଲି ସେହି ଦୂତ କହିଲେ ।

### ବେଥଲିହିମକୁ ଯାତ୍ରା :

ମରିୟମ ଓ ତାଙ୍କର ଭାବୀସ୍ୱାମୀ ନାଜରୀତ ନାମକ ଗୋଟିଏ ସହରରେ ବାସ କରୁଥିଲେ । ରୋମୀୟ ସମ୍ରାଟ, ଇଗଷ୍ଟ ସଜରଙ୍କ ଦ୍ୱାରା ପ୍ରଦତ୍ତ ଏକ ଜନଗଣନା ଆଦେଶ ପାଇଁ ନାମ ଲେଖାଅବାକୁ ସେମାନଙ୍କୁ ବେଥଲିହିମ ନଗରକୁ ଯାତ୍ରା କରିବାକୁ ପଡିଥିଲା । ଉଭୟ ନାଜରୀତ ଓ ବେଥଲିହିମ ଆଧୁନିକ ଅସ୍ରାଏଲ ନାମକ ଦେଶରେ ରହିଇଛି । ନାଜରୀତରୁ ବେଥଲିହିମ ୧୦୫ କିମି ଦୂର ଓ ଏହି ଯାତ୍ରା ସମ୍ଭବତଃ ସେମାନଙ୍କ ଇନେକଦିନ ଲଗିଥିଲା ଯେତେବେଳେ ଯୋଷେଫ ଓ ମରିୟମ ବେଥଲିହିମରେ ପହଞ୍ଚିଲେ, ସେତେବେଳେ ସେଠାରେ ରହିବା ପାଇଁ ସେମାନଙ୍କ ନିମନ୍ତେ ଆଉ ସ୍ଥାନ ନଥିଲା କାରଣ ପାନ୍ଥଶାଳା ପରିପୂର୍ଣ୍ଣ ହୋଅ ସାରିଥିଲା । ସେମାନେ ଶେଷରେ ପଶୁମାନଙ୍କୁ ରଖାଯାଉଥିବା ଗୋଟିଏ ଗୋଶାଳାରେ ରହିଲେ । ସେଠାରେ ହିଁ ଶିଶୁ ଯୀଶୁ ଜନ୍ମ ହୋଅଥିଲେ ।

### ଯୀଶୁଙ୍କୁ ମେଷପାଳକମାନଙ୍କର ଦର୍ଶନ :

ସେହି ରାତ୍ରିରେ କେତେକ ମେଷପାଳକ ସେମାନଙ୍କ ମେଷପଲକୁ ଜଗି ବେଥଲିହିମ ନିକଟସ୍ଥ କ୍ଷେତ୍ରରେ ରହିଥିଲେ । ଜଣେ ଦୂତ ସେମାନଙ୍କୁ ଦେଖାଦେଅ ଜଣେ ତ୍ରାଣକର୍ତ୍ତା, ମସିହ ଜନ୍ମ ଗ୍ରହଣ କରିଛନ୍ତି ବୋଲି ସେମାନଙ୍କୁ ସମ୍ବାଦ ଦେଲେ । ସେମାନେ ଗୋଟିଏ ଗୁହାଳ କୁଣ୍ଡରେ ଯୀଶୁଙ୍କୁ ଶୋଅଥିବାର ଦେଖିପାରିବେ ବୋଲି ଦୂତ କହିଲେ । ହଠାତ୍ ସ୍ୱର୍ଗଦୂତମାନଙ୍କର ଏକ ବାହିନୀ ଏହା କହି ଦେଖାଦେଲେ, ଉର୍ଦ୍ଧ୍ୱଲୋକରେ ଈଶ୍ୱରଙ୍କ ମହିମା, ପୃଥିବୀରେ ତାଙ୍କ ସନ୍ତୋଷପାତ୍ର ମନୁଷ୍ୟମାନଙ୍କ ପ୍ରତିଶାନ୍ତି । ମେଷପାଳକମାନେ ବେଥଲିହିମକୁ ଦୌଡି ଗଲେ ଓ ଦୂତ ସେମାନଙ୍କୁ ଯେପରି କହିଥିଲେ, ସେହିପରି ଗୁହାଳକୁଣ୍ଡରେ ଯୀଶୁଙ୍କୁ ଦେଖିଲେ । ଯୀଶୁଙ୍କୁ ଦେଖିବା ପରେ ସେମାନେ ସେହି ସମ୍ବାଦ ପ୍ରସାର କଲେ ଓ ଯେଉଁମାନେ ଶୁଣିଲେ, ସେମାନେ ଭୀତ ହେଲେ ।

ଯୀଶୁଙ୍କୁ ପଣ୍ଡିତମାନଙ୍କର ଦର୍ଶନ :

କିଛି ଦିନପରେ, ପୂର୍ବଦେଶର ପଣ୍ଡିତମାନେ ଆକାଶରେ ଏପରି ଗୋଟିଏ ତାରା ଦେଖିଲେ ଯାହା ଜଣେ ନୂତନ ରାଜାଙ୍କ ଜନ୍ମର ସଙ୍କେତ ଦେଉଥିଲା । ସେମାନେ ସେହି ନୂତନ ରାଜା ଯୀଶୁଙ୍କୁ ପ୍ରଣାମ କରିବା ପାଇଁ ଯିରୂଶାଲମ ଓ ବେଥଲିହିମ ନିକଟବର୍ତ୍ତୀ ଇଞ୍ଚଳ ଯିହୁଦାକୁ ଆସିଥିଲେ । ହେରୋଦ ନାମକ ଜଣେ ବ୍ୟକ୍ତି ଯିହୁଦାର ରାଜାଥିଲେ । ସେ ପଣ୍ଡିତମାନଙ୍କୁ ଗୋଟିଏ ସଭାକୁ ଡକାଇ ସେହି ନୂତନରାଜାଙ୍କୁ ଖୋଜିବା ପାଇଁ ସେମାନଙ୍କୁ କହିଲେ ଯେପରିକି ସେ ମଧ୍ୟ ଯାଇ ତାଙ୍କୁ ପ୍ରଣାମ କରିପାରିବେ । ପଣ୍ଡିତମାନେ ବେଥଲିହିମକୁ ଯାତ୍ରା କଲେ ଓ ସେହି ତାରାକୁ ସେ ପର୍ଯ୍ୟନ୍ତ ଇନୁସରଣ କଲେ, ଯେପର୍ଯ୍ୟନ୍ତ ଏହା ସେହିଗୃହ ଉପରେ ସିଧାହୋଇ ସ୍ଥିର ନହୋଇଛି, ଯେଉଁ ଗୃହରେ ଯୀଶୁ ଜନ୍ମ ଗ୍ରହଣ କରିଥିଲେ । ସେହିଗୃହରେ ସେମାନେ ମରିୟମ ଓ ଯୀଶୁଙ୍କୁ ପାଇଲେ ଓ ତାଙ୍କୁ ଆଣ୍ଠୁଭାଙ୍ଗି ପ୍ରଣାମ କଲେ । ସେମାନେ ପ୍ରାଚୀନ ଜଗତର କିଛି ଇତିସୁନ୍ଦର ବହୁମୂଲ୍ୟ ଦ୍ରବ୍ୟ, ଯଥା, ସୁନା, ଗନ୍ଧରସ ଓ କୁନ୍ଦୁରୁ ଉପହାର ଦେଲେ । କୁନ୍ଦୁରୁରେ ଇଗ୍ନି ସଂଯୋଗ କଲେ ଏକ ସୁନ୍ଦରସୁଗନ୍ଧ ଉତ୍ପନ୍ନ ହେଉଥିଲା ଓ ଗନ୍ଧରସ ଗୋଟିଏ ବହୁମୂଲ୍ୟ ସୁଗନ୍ଧିତୈଳ ଥିଲା । ଯୀଶୁଙ୍କୁ ଦର୍ଶନ କରିବାପରେ ପଣ୍ଡିତମାନେ ରାଜାହେରୋଦଙ୍କ ନିକଟକୁ ଫେରି ନଯିବା ପାଇଁ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇବାରୁ ଗୋଟିଏ ଭିନ୍ନ ରାସ୍ତାରେ ଗୃହକୁ ଫେରିଗଲେ ।

ଶୂନ୍ୟସ୍ଥାନ ପୂରଣ କର :

୧. ମରିୟମ ବ୍ୟସ୍ତ ଓ ଦ୍ୱନ୍ଦ୍ୱଗ୍ରସ୍ତ ଥିଲେ କାରଣ ________________ ।

ପରେ ତାଙ୍କର ଉତ୍ତର ________________ ଥିଲା ।

୨. ଯୀଶୁ ଗୁହାଳରେ ଜନ୍ମ ଗ୍ରହଣ କରିଥିଲେ, କାରଣ ________________ ।

୩. ________________ ପ୍ରଥମେ ସୁସମ୍ବାଦ ପାଇଲେ ଓ ସେମାନେ ଏହି ସମ୍ବାଦ ________________ ଦ୍ୱାରା ପାଇଲେ ।

୪. ପଣ୍ଡିତମାନେ ________________ , ________________ ଓ ________________ ଉପହାର ଦେଲେ । ଏହାପରେ ସେମାନେ ଇନ୍ୟ ରାସ୍ତାଦେଇ ଫେରିଗଲେ କାରଣ ________________ ।

୫. ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ________________ ।

ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

## ବିଷୟ - ୨୧
# ବାପ୍ତିଜକ ଯୋହନ

**ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ :**

ନିମ୍ନ ଇଧ୍ୟାୟଟିକୁ ପଢନ୍ତୁ : ମାଥିଉ ୩, ମାର୍କ ୧, ଲୂକ ୧, ୩, ଯୋହନ-୧
ପାଠର ଉଦ୍ଦେଶ୍ୟ : ଯୋହନଙ୍କ ସଦୃଶ ଏକ ସାହସିକ ଔ ନମ୍ର ଜୀବନ କାଟିବା ପାଇଁ ପିଲାମାନଙ୍କୁ ଶିକ୍ଷାଦେବା ।

ପାଠ୍ୟ ଯୋଜନା :
ବାପ୍ତିଜକ ଯୋହନଙ୍କ କାହାଣୀ ଶିକ୍ଷାଦେବା - ୨୫ ମିନିଟ

ଚିତ୍ର ଦେଖାନ୍ତୁ :
ଗୋଟିଏ ସଂପୃକ୍ତଗୀତ ଶିଖାନ୍ତୁ - ୧୦ ମିନିଟ
ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ
ବାଅବଲ ମୁଖସ୍ଥ ପଦ : ମାଥିଉ ୩;୧୧
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ ।

## କାହାଣୀର ବିଷୟ ବସ୍ତୁ :

### ଜଣେ ଶକ୍ତିଶାଳୀ ପ୍ରଚାରକ :

ଈଶ୍ୱର ଜଣେ ପ୍ରଚାରକ ଔ ସଂସ୍କାରକ ହେବାପାଇଁ ବାପ୍ତିଜକ ଯୋହନଙ୍କୁ ଆହ୍ୱାନ କରିଥିଲେ । ସେ ପ୍ରାନ୍ତରରେ ବାସ କରୁଥିଲେ ଔ ପଙ୍ଗପାଳ ଔ ବନମଧୁ ଖାଉଥିଲେ । ସେ ଏକ ଚର୍ମ କଟୀ ବନ୍ଧନ ସହିତ ଔ ଲୋମର ବସ୍ତ୍ର ପିନ୍ଧୁଥିଲେ । ଯଦି ଲୋକମାନେ ସେମାନଙ୍କ ମାର୍ଗ ପରିବର୍ତ୍ତନ କରିବେ ନାହିଁ, ତେବେ ସେମାନେ ଈଶ୍ୱରଙ୍କ କ୍ରୋଧ ସହ୍ୟ କରିବେ ବୋଲି ଯୋହନ ସେମାନଙ୍କୁ କହୁଥିଲେ । ଯୋହନ ପ୍ରଚାର କରିବା ସମୟରେ ଈଶ୍ୱର ସେମାନଙ୍କ ମଧ୍ୟରେ କାର୍ଯ୍ୟ କରୁଛନ୍ତି ବୋଲି ଲୋକମାନେ ଇନୁଭବ କରୁଥିଲେ, ଔ ଲୋକମାନଙ୍କର ବିଶାଳ ଜନତା ତାଙ୍କ କଥା ଶୁଣିବା ପାଇଁ ପ୍ରାନ୍ତରକୁ ଯାଉଥିଲେ । ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ ହେଉଇଛି ବୋଲି ଯୋହନ ଘୋଷଣା କରୁଥିଲେ । ଈଶ୍ୱରଙ୍କ ମନୋନୀତ ଲୋକହେବା ଦ୍ୱାରା ସେମାନେ ଈଶ୍ୱରଙ୍କ କ୍ରୋଧରୁ ରକ୍ଷାପାଅବେ ନାହିଁ ବୋଲି ସେ ସେମାନଙ୍କୁ ସତର୍କ କରି ଦେଅଥିଲେ । ସେମାନଙ୍କୁ ଇନୁତାପ କରିବାକୁ - ସେମାନଙ୍କର ପାପପୂର୍ଣ୍ଣ ମାର୍ଗ ପରିବର୍ତ୍ତନ କରିବାକୁ ହେବ । ସମୃଦ୍ଧିଶାଳୀଲୋକମାନେ ସେମାନଙ୍କ ଖାଦ୍ୟ ଔ ବସ୍ତ୍ର ଦୀନହୀନମାନଙ୍କୁ ବଣ୍ଟନ କରିବା ଉଚିତ ବୋଲି ସେ ସତର୍କ କରିଦେଅଥିଲେ । ସେ କରଆଦାୟ କାରୀମାନଙ୍କର ଲୋଭ ଉନ୍ମୋଚନ କରିଥିଲେ ଔ ଲୋକମାନଙ୍କୁ ପ୍ରତାରିତ ନ କରିବା ପାଇଁ ସେମାନଙ୍କୁ ସତର୍କ କରି ଦେଅଥିଲେ । ନିଜ ନିଜ ବେତନରେ ସନ୍ତୁଷ୍ଟ ରହିବା ପାଇଁ ଔ ଲୋକମାନଙ୍କ ଠାରୁ ଫାଅଦା ନ ଉଠାଅବା ପାଇଁ ସେ ସୈନିକମାନଙ୍କୁ ମଧ୍ୟ ସତର୍କ କରିଦେଅଥିଲେ । ସେ ମସିହ ନୁହଁନ୍ତି, ମାତ୍ର ତାଙ୍କ ପରେ ଯିଏ ଆସୁଛନ୍ତି, ସେ ଇର୍ଥାତ୍ ଯୀଶୁ ତାଙ୍କଠାରୁ ଶ୍ରେଷ୍ଠତର ଇଟନ୍ତିବୋଲି ଯୋହନ ଲୋକମାନଙ୍କୁ କହିଥିଲେ । ସେ ଯୀଶୁଙ୍କ ମାର୍ଗ ପ୍ରସ୍ତୁତ କରିବାକୁ ଆସିଛନ୍ତି ବୋଲି କହିଥିଲେ ।

### ଯୋହନଙ୍କ ମୃତ୍ୟୁ :

ତାଙ୍କ ପ୍ରଚାରରେ ଯୋହନ ଏହା କହିଥିଲେ ଯେ ହେରାଦ ହେରୋଦିୟାଙ୍କୁ ବିବାହ କରିବା ଇନୁଚିତ, କାରଣ ସେ ପୂର୍ବରୁ ହେରୋଦଙ୍କ ଭାଅ ଫିଲିପ୍‌ପଙ୍କୁ ବିବାହ କରି ସାରିଥିଲେ । ହେରୋଦିୟା ଏହାଶୁଣି କ୍ରୋଧାନ୍ୱିତ ହୋଅଥିଲେ, ଔ ପ୍ରତିଶୋଧ ନେବାରେ ତାଙ୍କୁ ସାହାଯ୍ୟ କରିବା ପାଇଁ ନିଜ କନ୍ୟା ଶଲୋମୀ (ହେରୋଦଙ୍କ ଭାଅଙ୍କ କନ୍ୟା)ଙ୍କୁ ରାଜି କରାଅଥିଲେ । ଶଲୋମୀ ନିଜର ସାବତ ବାପା, ହେରୋଦଙ୍କ ଜନ୍ମଦିନ ଉତ୍ସବକୁ ଯାଅ ସେହି ଉତ୍ସବରେ ନୃତ୍ୟ କରିଥିଲେ । ଆଉ ସେ ଏତେ ସୁନ୍ଦର ଭାବରେ ନୃତ୍ୟ କରିଥିଲେ ଯେ ସେ ପୁରସ୍କାର ଭାବରେ ଯାହାକିଛି ମାଗିବେ, ତାହା ସେ ତାଙ୍କୁ ଦେବେବୋଲି ପ୍ରତିଜ୍ଞା କରିଥିଲେ, ଔ ଗୋଟିଏ ଥାଳୀ ଉପରେ ବାପ୍ତିଜକ ଯୋହନଙ୍କ ମୁଣ୍ଡ ମାଗିବା ପାଇଁ ହେରୋଦିୟା ଶଲୋମୀଙ୍କୁ କହିଥିଲେ । ଏହାଶୁଣି ହେରୋଦ ଖୁସି ହୋଅନଥିଲେ, କାରଣ ଯୋହନ ବାସ୍ତବରେ କିଛି ଭୁଲ୍ କାର୍ଯ୍ୟ କରିନଥିଲେ । ତାଙ୍କୁ ହତ୍ୟା କରିବା ଦ୍ୱାରା ଲୋକମାନେ ନିଶ୍ଚୟ କ୍ରୁଦ୍ଧ ହେବେ ବୋଲି ସେ ଜାଣିଥିଲେ, ମାତ୍ର ସେ ନିଜର ପ୍ରତିଜ୍ଞାରକ୍ଷାକରି ଯୋହନଙ୍କ ମସ୍ତକ ଛେଦନ କରିଥିଲେ । ଏହିପରିଭାବରେ ଯୋହନଙ୍କୁ ହତ୍ୟା କରାଯାଅଥିଲା ।

## ଶୂନ୍ୟସ୍ଥାନ ପୂରଣ କର :

୧· ଯୋହନଙ୍କ ସଂପର୍କରେ ତାଙ୍କର ଭୂମିକା ସମ୍ବନ୍ଧରେ ଯୋହନ ଲୋକମାନଙ୍କୁ କଣ କହିଥିଲେ ? ______________________ ।

୨· ଯୀଶୁଙ୍କ ସଂପର୍କରେ ତାଙ୍କର ଭୂମିକା ସମ୍ବନ୍ଧରେ ଯୋହନ ଲୋକମାନଙ୍କୁ କଣ କହିଥିଲେ ? ______________________ ।

୩· ଯୋହନ ହେରୋଦଙ୍କୁ କହିଥିଲେ ଯେ ______________________ ।

୪· ହେରୋଦୀୟା ______________________

ଦ୍ୱାରା ପ୍ରତିଶୋଧ ନେଇଥିଲେ ।

୫· ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ? ______________________ ।

## ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବା ପରେ ତୁମେ କେଉଁ ନିଷ୍ପତ୍ତି ନେବ ?

## ବିଷୟ - ୨୨
# ଶିଷ୍ୟମାନଙ୍କୁ ଆହ୍ୱାନ

| ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ : |
|---|
| ନିମ୍ନ ଇଧ୍ୟାୟଟିକୁ ପଢନ୍ତୁ : ମାର୍କ ୧;୧୬-୨୦, ମାଥି ୧୦;୧-୪; ଯୋହନ ୧;୪୫-୪୯<br>ପାଠର ଉଦ୍ଦେଶ୍ୟ : ଈଶ୍ୱର କିପରି ବିଭିନ୍ନ ପ୍ରକାର ଲୋକଙ୍କୁ ଆହ୍ୱାନ ଔ ବ୍ୟବହାର କରନ୍ତି, ତାହା ଶିକ୍ଷାଦେବା ।<br><br>ପାଠ୍ୟ ଯୋଜନା :<br>ଶିଷ୍ୟମାନଙ୍କ ପ୍ରତି ଆହ୍ୱାନର କାହାଣୀ ଶିକ୍ଷାଦେବା - ୨୫ ମିନିଟ<br><br>ଚିତ୍ର ଦେଖାନ୍ତୁ :<br>ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ<br>ସଂପୃକ୍ତ କାର୍ଯ୍ୟ - ୧୦ ମିନିଟ<br>ବାଅବଲ ମୁଖସ୍ଥ ପଦ : ଯିରିମିୟ ୧-୫<br>ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ । |

**କାହାଣୀର ବିଷୟବସ୍ତୁ :**

### ପ୍ରଥମ ଶିଷ୍ୟମାନଙ୍କୁ ଆହ୍ୱାନ ଜଣାଅବା :

ଦିନେ ଯୀଶୁ ଗାଲୀଲୀ ହ୍ରଦ କୂଳରେ ବୁଲୁଥିଲେ । ସେ ଶିମୋନ (ଯାହାଙ୍କୁ ପିତର କୁହାଯାଏ) ଔ ଆନ୍ଦ୍ରିୟ ନାମକ ଦୁଅ ଭାଅଙ୍କୁ ଦେଖିଲେ ସେହି ଭାଅମାନେ ଗୋଟିଏ ଜାଲ ସାହାଯ୍ୟରେ ମାଛ ଧରୁଥିଲେ । ଯୀଶୁ ସେମାନଙ୍କୁ କହିଲେ, ଆସ, ମୋହର ଇନୁଗମନକର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରାଅବା ଶିଖାଅବି । ସଙ୍ଗେ ସଙ୍ଗେ ଉଭୟ ପିତର ଔ ଆନ୍ଦ୍ରିୟ ସେମାନଙ୍କର ଜାଲ ଫିଙ୍ଗିଦେଅ ଯୀଶୁଙ୍କର ଇନୁଗମନକଲେ ଯୀଶୁ ଗାଲୀଲୀ ହ୍ରଦ କୂଳରେ ଚାଲିବାରେ ଲାଗିଥିଲେ । ସେ ଆଉ ଦୁଅଜଣ ଭାଅ ତଥା ଜେବଦୀଙ୍କ ପୁତ୍ର ଯାକୁବ ଔ ଯୋହନଙ୍କୁ ଦେଖିଲେ । ସେମାନେ ସେମାନଙ୍କ ପିତାଙ୍କ ସହିତ ନୌକାରେ ମାଛ ଧରିବା ପାଇଁ ସେମାନଙ୍କ ଜାଲ ସଜାଡୁଥିଲେ । ଯୀଶୁ ସେମାନଙ୍କୁ କହିଲେ ମୋହର ଇନୁଗମନ କର । ସେମାନେ ସଙ୍ଗେ ସଙ୍ଗେ ସେମାନଙ୍କର ନୌକା ଔ ସେମାନଙ୍କ ପିତାଙ୍କୁ ଛାଡିଦେଅ ଯୀଶୁଙ୍କର ଇନୁଗମନ କଲେ ।

### ଆହୁରି ଇଧିକ ଶିଷ୍ୟଙ୍କୁ ଯୀଶୁଙ୍କର ଆହ୍ୱାନ :

ଯୀଶୁ କିଛି ସମୟ ପୂର୍ବେ ଗୋଟିଏ ପକ୍ଷାଘାତ ରୋଗୀକୁ ସୁସ୍ଥ କରିଥିଲେ ଔ ସେହି ସ୍ଥାନ ଛାଡି ଯାଉଥିଲେ । ସେତେବେଳେ ସେ ମାଥିଉ ନାମକ ଜଣେ ବ୍ୟକ୍ତିଙ୍କୁ ଦେଖିଲେ । ମାଥିଉ ଜଣେ କର ଆଦାୟକାରୀଥିଲେ ଔ ସେ କର ଆଦାୟ କାର୍ଯ୍ୟାଳୟରେ ବସିଥିଲେ ଯୀଶୁ ତାଙ୍କୁ କହିଲେ, ମୋହର ଇନୁଗମନ କର । ମାଥିଉ ଠିଆ ହୋଅ ଯୀଶୁଙ୍କ ସହି ଚାଲିଲେ । ସେହି ରାତ୍ରିରେ ଯୀଶୁ ମାଥିଉଙ୍କ ଗୃହରେ ରାତ୍ରି ଭୋଜନ କଲେ । ପରେ ଯୀଶୁ ଫିଲିପ୍ପଙ୍କର ଦେଖା ପାଅ ତାଙ୍କର ଇନୁଗମନ କରିବା ପାଇଁ ତାଙ୍କୁ ମଧ୍ୟ କହିଲେ ।

### ଯୀଶୁ ୧୨ ଜଣଙ୍କୁ ନିଯୁକ୍ତି କରିଛନ୍ତି :

ଯୀଶୁ ପ୍ରାର୍ଥନା କରିବାକୁ ଗୋଟିଏ ପର୍ବତକୁ ଗଲେ । ସେ ସେଠାରେ ଈଶ୍ୱରଙ୍କୁ ପ୍ରାର୍ଥନା କରି ସମଗ୍ର ରାତ୍ରି ରହିଥିଲେ । ପରଦିନ ସକାଳେ ଯୀଶୁ ତାଙ୍କର ୧୨ ଜଣ ଶିଷ୍ୟଙ୍କୁ ଏକତ୍ର ଡାକିଲେ । ସେ ମନ୍ଦାତ୍ମାମାନଙ୍କୁ ବିତାଡିତ କରିବା ପାଇଁ ଔ ପ୍ରତ୍ୟେକ ପ୍ରକାରର ରୋଗ ଔ ଇସୁସ୍ଥତା ସୁସ୍ଥ କରିବା ପାଇଁ ସେମାନଙ୍କୁ କ୍ଷମତା ଦେଲେ । ୧୨ ଜଣ ପ୍ରେରିତଙ୍କର ନାମ ହେଲା - ଶିମୋନ (ପିତରମଧ୍ୟ କୁହାଯାଏ) ଔ ତାଙ୍କ ଭାଅ ଆନ୍ଦ୍ରିୟ, ଜେବଦୀଙ୍କ ପୁତ୍ର ଯାକୁବ ଔ ତାଙ୍କ ଭାଅ ଯୋହନ, ଫିଲିପ୍ପ ଔ ବର୍ଥଲୋମୀ ; ଥୋମା ଔ କରଗ୍ରାହୀ ମାଥିଉ ଆଲ୍‌ଫୀଙ୍କ ପୁତ୍ର ଯାକୁବ, ଔ ଥଦ୍ଦିୟ ଉଦ୍‌ଯୋଗୀ ଶିମୋନ, ଇଷ୍କରିଥୀୟ ଯିହୁଦା, ଯିଏ ଯୀଶୁଙ୍କ ପ୍ରତି ବିଶ୍ୱାସ ଘାତକତା କରିଥିଲା ।
(ମାଥିଉ ୧୦;୧-୪; ଔ ଲୂକ ୬;୧୨-୧୬)

ଶୂନ୍ୟସ୍ଥାନ ପୂରଣ କର :

୧· ଯୀଶୁ ଆହ୍ୱାନ କରିଥିବା ପ୍ରଥମ ଶିଷ୍ୟଗଣ ______________________।

୨· ସେମାନେ କଣ କରୁଥିଲେ ______________________।

୩· ଯୀଶୁ ଓ ମାଥିଉଙ୍କ ମଧ୍ୟରେ କଣ ଘଟିଥିଲା ? ______________________।

୪· ୧୨ ଜଣ ଶିଷ୍ୟଙ୍କୁ ନିଯୁକ୍ତି ଦେବା ପୂର୍ବରୁ ଯୀଶୁ ______________________

ଓ ସେମାନଙ୍କୁ ଯେଉଁ କ୍ଷମତା ଦେଇଥିଲେ, ତାହା ଥିଲା ______________________।

୫· ଏହି କାହାଣୀରୁ ତୁମେ କଣ ଶିକ୍ଷାକଲ ? ______________________।

ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବା ପରେ ତୁମେ କେଉଁ ନିଷ୍ପତ୍ତି ନେବ ?

## ବିଷୟ-୨୩

# ଯୀଶୁଙ୍କର ମନ୍ଦିର ଶୁଚିକରଣ

### ଶିକ୍ଷକଙ୍କର ପ୍ରତି ନିର୍ଦ୍ଦେଶ :

ନିମ୍ନ ଇଧ୍ୟାୟଟିକୁ ପଢନ୍ତୁ : ଲୂକ ୧୯;୪୫-୪୬, ଯୋହନ ୨;୧୩-୧୭
ପାଠର ଉଦ୍ଦେଶ୍ୟ : ଈଶ୍ୱରଙ୍କ ଗୃହ ପାଆଁ ପ୍ରେମ ଔ ସମର୍ପଣ ସୃଷ୍ଟି କରିବା

ପାଠ୍ୟ-ଯୋଜନା :
ଯୀଶୁଙ୍କର ମନ୍ଦିର ଶୁଚିକରଣ କାହାଣୀ ଶିଷାଦେବା - ୨୫ ମିନିଟ

ଚିତ୍ର ଦେଖାନ୍ତୁ :
ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ
ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ
ବାଅବଲ ମୁଖସ୍ଥ ପଦ : ଗୀତ ୪;୧୦
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ ।

### କାହାଣୀର ବିଷୟ ବସ୍ତୁ :

#### ମନ୍ଦିର ମଧ୍ୟରେ ପ୍ରବେଶ :

ଯୀଶୁ ଯିହୁଦୀ ନିସ୍ତାର ପର୍ବ ସମୟରେ ମନ୍ଦିରକୁ ଆସିଥିଲେ । ସେ କଫର୍ନାହୂମରେ ନିଜ ପରିବାର ସହିତ କିଛି ସମୟ କାଟିବା ପରେ ସେଠାକୁ ଆସିଥିଲେ । ଯେତେବେଳେ ସେ ମନ୍ଦିର ପ୍ରାଙ୍ଗଣକୁ ଆସିଲେ ସେତେବେଳେ ସେ ଯେଉଁ ଦୃଶ୍ୟ ଦେଖିଲେ, ତାହାତାଙ୍କୁ ଇତି ବିଚଳିତ କଲା । ଲୋକମାନେ ମନ୍ଦିରରେ ପଶୁପକ୍ଷୀମାନଙ୍କର କ୍ରୟ ବିକ୍ରୟର ଏକ ଉନ୍ନତ ବ୍ୟବସାୟ କରୁଥିବାର ଦେଖିଲେ । ସେଠାରେ ଗାଈଗୋରୁ, ମେଣ୍ଢା ଔ କାପ୍ତା ବିକ୍ରି କରାଯାଉଥିଲା । ଲୋକମାନେ ବଳିଦାନ ପ୍ରଥାକୁ ଗୋଟିଏ ବଡ ଲାଭଜନକ ବ୍ୟବସାୟରେ ପରିଣତ କରିଥିଲେ । ଏହି ପ୍ରକାର ଭାବରେ ମନ୍ଦିରର ଇପବ୍ୟବହାର ହେଉଥିବାର ସେ ଦେଖିଲେ ।

#### ଯୀଶୁଙ୍କର କ୍ରୋଧ :

ଏହି ସମସ୍ତ ଦେଖିବାପରେ ସେ ଇତିକ୍ରୋଧନ୍ୱିତ ହେଲେ । ଏହାର କାରଣ ଥିଲା - ଈଶ୍ୱରଙ୍କ ଗୃହ ପାଆଁ ଉଦ୍‌ଯୋଗ ତାଙ୍କୁ ଗ୍ରାସ କରିଥିଲା । ସେ ରଶିକୁ ଗୁଡାଅଗୁଡାଅ ଗୋଟିଏ ଚାବୁକ ପ୍ରସ୍ତୁତ କଲେ ଔ ମନ୍ଦିରରୁ ସମସ୍ତଙ୍କୁ ତଡିଦେଲେ । ସେ ଲୋକ, ପଶୁ ଔ ପକ୍ଷୀମାନଙ୍କୁ ଘଉଡାଅଦେଲେ । ସେ ମେଜ ଔଲଟାଅବାରୁ ମୁଦ୍ରାଗୁଡିକ ଏଣେତେଣେ ବିଛାଡି ହୋଅଗଲା । ସେ ସେମାନଙ୍କ ପ୍ରତି ଏହା କହିଚିତ୍କାର କଲେ, ତୁମ୍ଭେ ମାନେ ମୋର ପିତାଙ୍କ ଗୃହକୁ ଏକ ବଜାରରେ ପରିଣତ କରିଇଛ, ତୁମ୍ଭେମାନେ ଏହାକୁ ଏକ ଦସ୍ୟୁର ଗହ୍ୱର କରିଇଛ । ଏହା ଏକ ପ୍ରାର୍ଥନା ଗୃହ ଇଟେ ଔ ଏହା ଏହି ପ୍ରକାର କାର୍ଯ୍ୟ ପାଆଁ ଉଦ୍ଦିଷ୍ଟ ନୁହେଁ ।

#### ଲୋକମାନଙ୍କର ପ୍ରତିକ୍ରିୟା :

ଏହି ସମସ୍ତ ଦେଖିବାପରେ ଯିହୁଦୀ ଔ ନେତାମାନେ ଇତିକ୍ରୁଦ୍ଧ ହେଲେ ସେମାନେ ତାଙ୍କ ଠାରୁ ଏକ ସ୍ପଷ୍ଟୀକରଣ ଦାବୀକଲେ । ଏହି ସମସ୍ତ କରିବା ପାଆଁ କିଏ ତାଙ୍କୁ ଇଧିକାର ଦେଲା ବୋଲି ସେମାନେ ପ୍ରଶ୍ନ କଲେ । ସେମାନେ ତାଙ୍କର ଏହି ଇଧିକାରକୁ ପ୍ରମାଣ କରିବା ପାଆଁ ଏକ ଆଶ୍ଚର୍ଯ୍ୟ କର୍ମ ଚାହିଁଲେ । ଯୀଶୁ କହିଲେ, ଏହି ମନ୍ଦିରକୁ ବିନାଶ କର ଔ ମୁଁ ତାହା ୩ଦିନରେ ତୋଳିଦେବି - ଏହା ସେ ନିଜଶରୀର ବିଷୟରେ କହିଥିଲେ । ମାତ୍ର ଯିହୁଦୀମାନେ ଦ୍ୱନ୍ଦଗ୍ରସ୍ତ ହେଲେ ଔ ଏହା କିପରି ସମ୍ଭବ ବୋଲି କହିଲେ, କାରଣ ମନ୍ଦିର ନିର୍ମାଣ କରିବାକୁ ୪୬ ବର୍ଷ ସମୟ ଲାଗିଥିଲା । ଏହାପରେ ସେମାନେ ତାଙ୍କୁ କ୍ରୁଶରେ ଚଢାଅବା ପାଆଁ ସେ ଯାହା କହିଥିଲେ, ତାହା ବ୍ୟବହାର କରିଥିଲେ ।

**ଶୂନ୍ୟସ୍ଥାନ ପୂରଣ କର :**

୧. ଯେତେବେଳେ ଯୀଶୁ ମନ୍ଦିରରେ ପହଞ୍ଚିଲେ, ସେତେବେଳେ ସେ ଦେଖିଲେ ଯେ ______________________________ ।

୨. ଯୀଶୁ କ୍ରୋଧାନ୍ୱିତ ହେଲେ କାରଣ ______________________________ ।

୩. ସମସ୍ତ ବିଷୟ ଦେଖିବାପରେ ଯୀଶୁ କଣ କହିଥିଲେ ଓ କରିଥିଲେ ?'

୪. ଯିହୁଦୀମାନେ କ୍ରୋଧାନ୍ୱିତ ଓ ଦ୍ୱନ୍ଦଗ୍ରସ୍ତହେଲେ କାରଣ ______________________________ ।

୫. ଏହି କାହାଣୀରୁ ତୁମେ କଣ ଶିକ୍ଷାକଲ ?

**ଜୀବନ ପ୍ରତି ପ୍ରୟୋଗ :**

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

ବିଷୟ - ୨୪

# ନୀକଦୀମ

## ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ :

ନିମ୍ନ ଇଧ୍ୟାୟତିକୁ ପଢନ୍ତୁ : ଯୋହନ ୩;୧-୨୧
ପାଠର ଉଦ୍ଦେଶ୍ୟ : ସୁସମାଚାର ବିଷୟକ ସତ୍ୟ ବୁଝିବାରେ ପିଲାମାନଙ୍କୁ ସାହାଯ୍ୟ କରିବା ।

ପାଠ୍ୟ ଯୋଜନା :
ନୀକଦୀମଙ୍କ କାହାଣୀ ଶିକ୍ଷାଦେବା - ୨୫ ମିନିଟ

ଚିତ୍ର ଦେଖାନ୍ତୁ :
ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ
ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ
ବାଇବଲ ମୁଖସ୍ଥପଦ : ଯୋହନ ୩;୧୬
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ

## କାହାଣୀର ବିଷୟ ବସ୍ତୁ :

### ଯୀଶୁଙ୍କୁ ସାକ୍ଷାତ୍ କରିବା ପାଇଁ ନୀକଦୀମଙ୍କ ଆଗମନ :

ଦିନେ ରାତ୍ରିରେ ଯେତେବେଳେ ଯିରୁ ଶାଲମ ରାସ୍ତା ଇନ୍ଧକାର ଔ ଶାନ୍ତ ହୋଅଯାଅଥିଲା । ସେତେବେଳେ ଯିହୁଦୀମାନଙ୍କର ଜଣେ ନେତା ଯୀଶୁ କହୁଥିବା ଗୃହକୁ ଗଲେ । ସେ ନୀକଦୀମ ନାମକ ଜଣେ ଫାରୁଶୀ ଥିଲେ । ନୀକଦୀମ ଯୀଶୁଙ୍କର କିଛି ଆଶ୍ଚର୍ଯ୍ୟ କର୍ମ ଦେଖିଥିଲେ । ସେହି ଆଶ୍ଚର୍ଯ୍ୟକର୍ମ ସବୁ ଦେଖିବାପରେ ତାଙ୍କର ଆଉ ବିଶ୍ରାମ ନଥିଲା । ଯୀଶୁ ମସିହ ବୋଲି ସେ ବିଶ୍ୱାସ କରୁନଥିଲେ । କାରଣ ମସିହ ନିଷ୍ଟୟ ଏକ ଇତିଭିନ୍ନ ସ୍ଥାନରୁ ଆସିବା କଥା । ସେ ଜଣେ ବଳବାନ୍ ରାଜା ହୋଅଥିବେ ଯିଏ ଖଡଗ ଦ୍ୱାରା ରୋମୀୟ ମାନଙ୍କୁ ବିତାଡିତ କରିବେ । ତଥାପି ଯିଶୁଙ୍କ ବିଷୟରେ ଏପରି କିଛିଥିଲା, ଯାହା ସେ ବୁଝିପାରୁ ନଥିଲେ । ତାହା ନୀକଦୀମଙ୍କୁ ଇସହଜକରିଦେଲା । ନୀକଦୀମ ସର୍ବଦା ବିଭିନ୍ନ ବିଷୟ ବୁଝିବାକୁ ଚାହୁଁଥିଲେ । କାରଣ ସେ ଜଣେ ଆଦର୍ଶ ଫାରୁଶୀଥିଲେ । ସେଥିପାଇଁ ସେ ଯୀଶୁଙ୍କ ସହିତ କଥାବାର୍ତ୍ତା କରିବାକୁ ତାଙ୍କ ନିକଟକୁ ଯାଅଥିଲେ । ସେ ରାତ୍ରିକାଳରେ ଯୀଶୁଙ୍କୁ ଦେଖା କରିବାକୁ ମନୋନୀତ କରିଥିଲେ,  କାରଣ ସେ ବୋଧହୁଏ ଏହା ଭୟ କରୁଥିଲେ ଯେ ଯିହୁଦୀ ନେତାମାନେ ତାଙ୍କୁ ପରିହାସ କରିବେ । ବୋଧହୁଏ ଶାନ୍ତିପୂର୍ଣ୍ଣ ପରିବେଶରେ ସେ ଯୀଶୁଙ୍କ ସହିତ କଥା ବାର୍ତ୍ତା କରିବାକୁ ଅଛା କରୁଥିଲେ ।

### ନୀକଦୀମଙ୍କ ସହିତ ଯୀଶୁଙ୍କର କଥାବାର୍ତ୍ତା :

ଯୀଶୁ ନୀକଦୀମଙ୍କ ସହିତ ସାକ୍ଷାତ୍ କରିବାକୁ ଅଛା କରିଥିଲେ । ରାତ୍ରିର ନୀରବତାରେ ସେମାନେ ଏକତ୍ର କଥାବାର୍ତ୍ତା କରିଥିଲେ । ଯେଉଁ ତ୍ରାଣକର୍ତ୍ତା ପାପୀମାନଙ୍କ ପାଇଁ ପୃଥିବୀକୁ ଆସିଥିଲେ । ସେ ସେହି ଧନୀ, ପ୍ରମୁଖ ରାବ୍‌ବୀଙ୍କ ସହିତ କଥାବାର୍ତ୍ତା କରିଥିଲେ, ଯିଏ ଧାର୍ମିକ ଔ ନ୍ୟାୟବାନ୍ ଥିଲେ କାରଣ ସେ ମୋଶାଙ୍କ ବ୍ୟବସ୍ଥା ପାଳନକରୁଥିଲେ । ଯୀଶୁ ତାଙ୍କୁ କିଛି ଭିନ୍ନ କଥା କହିଥିଲେ । ଯଦି ନୀକଦୀମ ସ୍ୱର୍ଗରେ ପ୍ରବେଶ କରିବାକୁ ଚାହୁଁଥାନ୍ତି, ତେବେ ତାଙ୍କୁ ପୁଣିଥରେ ନିଜ ଜୀବନକୁ ନୂତନ ଭାବରେ ଆରମ୍ଭ କରିବାକୁ ହେବ । ସେ ଯେପରି ଭାବରେ ଜୀବନ କାଟୁଥିଲେ, ତାହା ଭୁଲ୍‌ଥିଲା । ସେ ଏକ ନୂତନ ଜୀବନ ଆରମ୍ଭ କରିବା ଉଚିତ ଔ ଗର୍ବକୁ ପଛରେ ଛାଡିଦେବା ଉଚିତ । ସେ ଯୀଶୁଙ୍କର ସେହି ଇତି ସରଳ ଶିଷ୍ୟମାନଙ୍କ ସଦୃଶ ହେବା ଉଚିତ, ଯେଉଁମାନେ ବାପ୍ତିଜକ ଯୋହନଙ୍କ ନିକଟରେ ପାପ ସ୍ୱୀକାର କରିଥିଲେ ଔ ତାଙ୍କ ଦ୍ୱାରା ବାପ୍ତିଜିତ ହୋଅଥିଲେ । ପବିତ୍ର ଆତ୍ମା ଏହାପରେ ତାଙ୍କ ହୃଦୟ ମଧ୍ୟକୁ ଆସିବେ ଔ ତାଙ୍କୁ ଏକ ନୂତନ ବ୍ୟକ୍ତିରେ ପରିଣତ କରିବେ । ସେଥିପାଇଁ ଯୀଶୁ ତାଙ୍କୁ କହିଥିଲେ, ସତ୍ୟ, ସତ୍ୟ ମୁଁ ତୁମ୍ଭକୁ କହୁଇଛି, ଜଣେ ବ୍ୟକ୍ତି ପୁନର୍ବାର ଜନ୍ମ ନହେଲେ ସେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରିବ ନାହିଁ । ଯୀଶୁ ତାଙ୍କୁ ଏହା ବୁଝାଅଦେଲେ । ନୀକଦୀମଙ୍କୁ ଗୋଟିଏ ଛୋଟ ପିଲାପରି ହୃଦୟରେ ନମ୍ର ଔ ପବିତ୍ର ହେବାକୁ ପଡିବ । ତାହା କେବଳ ପବିତ୍ର ଆତ୍ମାଙ୍କ ମାଧ୍ୟମରେ ସମ୍ଭବ ଥିଲା । ଯୀଶୁ ନୀକଦୀମଙ୍କୁ କିଛି ଗୌରବଯୁକ୍ତ ବାକ୍ୟ କହିଲେ, ଈଶ୍ୱର ଜଗତକୁ ଏପରି ପ୍ରେମ କଲେ ଯେ ଆପଣାର ଏକମାତ୍ର ପୁତ୍ରଙ୍କୁ ପ୍ରେରଣ କଲେ । ଯେଉଁମାନେ ତାଙ୍କଠାରେ ବିଶ୍ୱାସ କରନ୍ତି, ସେମାନେ ବିନଷ୍ଟ ନହୋଅ ଇନନ୍ତ ଜୀବନ ପ୍ରାପ୍ତ ହେବେ । ସେ ସ୍ପଷ୍ଟଭାବରେ ଏହା କହିଥିଲେ ଯେ ସେ କ୍ରୁଶାର୍ପିତ ହେବେ ଔ ଯେଉଁମାନେ ତାଙ୍କଠାରେ ବିଶ୍ୱାସ କରିବେ, ସେମାନେ ପରିତ୍ରାଣ ପାଅବେ ।

## ଶୂନ୍ୟସ୍ଥାନ ପୂରଣ କର :

୧. ନୀକଦୀମଙ୍କ ମନରେ ଭୁଲ୍ ବୁଝାମଣା ଏହା ଥିଲା ଯେ ______________________________ ।

୨. ସେ ରାତ୍ରିରେ ଯୀଶୁଙ୍କ ସହିତ ସାକ୍ଷାତ୍ କରିବାକୁ ଆସିଥିଲେ କାରଣ ______________________________

______________________________ ।

୩. ପବିତ୍ର ଆତ୍ମାଙ୍କ ବିଷୟରେ ଯୀଶୁ ତାଙ୍କୁ କଣ କହିଥିଲେ । ______________________________ ।

୪. କେଉଁ ଗୁରୁତ୍ୱପୂର୍ଣ୍ଣ ପଦ ଯୀଶୁ ତାଙ୍କୁ ଜଣାଅଥିଲେ ______________________________ ।

୫. ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ______________________________ ।

## ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବା ପରେ ତୁମେ କେଉଁ ନିଷ୍ପତ୍ତି ନେବ ?

বিষয় - ২৫

# ଶମିରୋଣୀୟା ସ୍ତ୍ରୀ

## ଶିକ୍ଷକଙ୍କ ପ୍ରତିନିର୍ଦ୍ଦେଶ :

ନିମ୍ନ ଅଧ୍ୟାୟଟିକୁ ପାଠ କରନ୍ତୁ : ଯୋହନ ୪;୧-୪୨
ପାଠର ଉଦ୍ଦେଶ୍ୟ : ଅନ୍ୟମାନଙ୍କ ନିକଟରେ ଯୀଶୁଙ୍କ ବିଷୟ ଜଣାଅବାରେ ପିଲାମାନଙ୍କୁ ଉତ୍ସାହିତ କରିବା

ପାଠ୍ୟ ଯୋଜନା :
ଶମିରୋଣୀୟା ସ୍ତ୍ରୀ ସମ୍ବନ୍ଧୀୟ କାହାଣୀ ଶିକ୍ଷାଦେବା- ୨୫ ମିନିଟ

ଚିତ୍ର ଦେଖାନ୍ତୁ :
ଗୋଟିଏ ସଂପୃକ୍ତ ମୁଖସ୍ଥପଦ : ଯୋହନ ୪;୩୯
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ ।

## କାହାଣୀରୁ ବିଷୟବସ୍ତୁ :

### ଯୀଶୁଙ୍କର ତା ସହିତ ଆଳାପ :

ଯୀଶୁ ଯାକୁବଙ୍କ କୂପ ନିକଟରେ ବସିଥିବା ସମୟରେ ଜଣେ ସ୍ତ୍ରୀ ଜଳ କାଢିବାକୁ ଆସିଲା । ସେ ତାକୁ ପିଅବା ପାଇଁ କିଛି ଜଳ ମାଗିବାରୁ ସେ ଆଶ୍ଚର୍ଯ୍ୟାନ୍ୱିତ ହେଲା, କାରଣ ଜଣେ ଯିହୁଦୀବ୍ୟକ୍ତି ଜଣେ ଶମିରୋଣୀୟା ସ୍ତ୍ରୀ ସହିତ ଆଦୌ କଥା ବର୍ତ୍ତା କରୁନଥିଲେ । ଯୀଶୁ ତାକୁ କହିଲେ ଯେ, ସେ ତାକୁ ଏପରି ଜୀବନଦାୟକ ଜଳ ଦେବେ ଯାହା ଅନନ୍ତ ଜୀବନ ଦିଗକୁ କଢାଅ ନେବ । ଏହା ତାକୁ ଆହୁରି ଆଶ୍ଚର୍ଯ୍ୟ କଲା । କାରଣ ତାଙ୍କ ନିକଟରେ ଜଳ କାଢିବା ପାଇଁ କିଛି ନଥିବାରୁ ସେ କିପରି ସେହି ଜଳ କାଢିପାରିବେ ବୋଲି ସେ କହିଲା । ଯେତେବେଳେ ଯୀଶୁ ତାର ଅନେକ ସ୍ୱାମୀ ଥିଲେ ବୋଲି ତାର ଜୀବନ ବିଷୟରେ କହିଲେ, ସେତେବେଳେ ସେ ଜଣେ ଭାବବାଦୀ ବୋଲି ସେ ବୁଝିଲା । ଯୀଶୁ ତା ନିକଟରେ ଏହା ପ୍ରକାଶ କରିଥିଲେ ଯେ ଉପାସନା ଆତ୍ମାରେ ଓ ସତ୍ୟରେ କରାଯିବା ଉଚିତ । ସ୍ଥାନର କୌଣସି ଗୁରୁତ୍ୱ ନାହିଁ । ସେ ମସିହ ବୋଲି ଏଠାରେ ମଧ୍ୟ କହିଥିଲେ । ଏହିପରି ଭାବରେ ଯୀଶୁ ତା ସହିତ କଥାବାର୍ତ୍ତା କରିବା ଦ୍ୱାରା ଅନେକ ପ୍ରଥା ଭଗ୍ନ କରିଥିଲେ ।

### ଶିଷ୍ୟମାନଙ୍କର ବିସ୍ମୟଭାବ :

ଯେଉଁ ଶିଷ୍ୟମାନେ ଖାଦ୍ୟ ଆଣିବାକୁ ଯାଇଥିଲେ, ସେମାନେ ଫେରିଆସିବା ପରେ ଯୀଶୁଙ୍କୁ ଜଣେ ସ୍ତ୍ରୀ ସହିତ କଥାବାର୍ତ୍ତା କରୁଥିବାର ଦେଖି ଆଶ୍ଚର୍ଯ୍ୟ ହେଲେ । କିନ୍ତୁ, ଆପଣ ତା ସହିତ କାହିଁକି କଥାବାର୍ତ୍ତା କରୁଛନ୍ତି ବୋଲି ପଚାରିବାକୁ କେହି ସାହସ କଲେ ନାହିଁ । ଏହାପରେ ଶିଷ୍ୟମାନେ ଯୀଶୁଙ୍କୁ ଖାଦ୍ୟ ଦେବାରୁ ସେ ଖାଇସାରିଛନ୍ତି ବୋଲି କହି ଖାଇବା ପାଇଁ ଅସମ୍ମତ ହେଲେ । ଏହା ସେମାନଙ୍କୁ ପୁନର୍ବାର ଆଶ୍ଚର୍ଯ୍ୟ କଲା ଓ କିଏ ତାଙ୍କୁ ଖାଦ୍ୟ ଦେଲା ଭାବି ସେମାନେ ଚକିତ ହେଲେ । ଏହାପରେ ଯୀଶୁ ଉତ୍ତର ଦେଲେ ଯେ ଈଶ୍ୱରଙ୍କ ଅଚ୍ଛା ସାଧନ କରିବା ତାଙ୍କର ଖାଦ୍ୟ ଅଟେ ।

### ଶମିରୋଣୀୟାସ୍ତ୍ରୀର ସାକ୍ଷ୍ୟ :

ଅତି ମଧ୍ୟରେ ଶମିରୋଣୀୟା ସ୍ତ୍ରୀଟି ଫେରିଆସି ଯୀଶୁଙ୍କ ସହିତ ତାର ଅନୁଭୂତି ଜଣାଇଲା । ଯୀଶୁ ତା ବିଷୟରେ ସବୁ କିଛି ଜାଣନ୍ତି ଓ ସେ ମସିହ ହୋଇପାରନ୍ତି ବୋଲି ସେ କହିଲା । ଏହା ଫଳରେ ଅନେକେ ଯୀଶୁଙ୍କୁ ସାକ୍ଷାତ କରିବାକୁ ଆସିଲେ ଓ ସେ ଯେ ବାସ୍ତବରେ ଜଗତର ତ୍ରାଣକର୍ତ୍ତା, ଏହା ବିଶ୍ୱାସ କଲେ । ଏହିପରିଭାବରେ ସେ ଜଣେ ଅତି ସଫଳ ପ୍ରଚାରିକା ହୋଇଥିଲା ।

## ଶୂନ୍ୟସ୍ଥାନ ପୂରଣ କର :

୧. ଶମିରୋଣୀୟା ସ୍ତ୍ରୀ ଏହି ସତ୍ୟ ଯୋଗୁ ଆଶ୍ଚର୍ଯ୍ୟ ହୋଇଥିଲା ଯେ ____________________।

୨. ଯୀଶୁ ତା ଜୀବନ ବିଷୟରେ କଣ ପ୍ରକାଶ କରିଥିଲେ ? ____________________।

୩. ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇଥିଲେ କାରଣ ____________________ ।

୪. ଯୀଶୁଙ୍କ ଠାରୁ ଶୁଣିବା ପରେ ସ୍ତ୍ରୀଟି ____________________ ।

୫. ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ? ____________________।

## ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

## ବିଷୟ - ୨୬

# ଇଧ୍ୟକ୍ଷଙ୍କ ପୁତ୍ରକୁ ସୁସ୍ଥତା ଦାନ

| ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ : |
|---|
| ନିମ୍ନ ଇଧ୍ୟାୟଟି ପଢନ୍ତୁ : ଯୋହନ ୪:୪୩-୫୪<br>ପାଠର ଉଦ୍ଦେଶ୍ୟ : ସୁସ୍ଥତା ପାଅବା ପାଇଁ ବିଶ୍ୱାସ ଆବଶ୍ୟକ ବୋଲି ସ୍ମରଣ କରାଅବା ।<br><br>ପାଠ୍ୟ ଯୋଜନା :<br>ଇଧ୍ୟକ୍ଷଙ୍କ ପୁତ୍ର ସମ୍ବନ୍ଧୀୟ କାହାଣୀ ଶିକ୍ଷାଦେବା - ୨୫ ମିନିଟ<br><br>ଚିତ୍ର ଦେଖାନ୍ତୁ :<br>ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ<br>ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ<br>ବାଅବଲ ମୁଖସ୍ଥପଦ : ଏବ୍ରୀ ୧୧:୧<br>ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ |

## କାହାଣୀର ବିଷୟବସ୍ତୁ :

### ବିଷାଦଗ୍ରସ୍ତ ଜଣେ ପିତା :

କାନ୍ନାରୁ ସାତ ଘଣ୍ଟାର ଯାତ୍ରା ପରେ ଯେଉଁ ସ୍ଥାନଟି ପଡିବ, ସେଠାରେ ଜଣେ ପିତା ନିଜ ସନ୍ତାନର ରୋଗ ଶଯ୍ୟା ନିକଟରେ ବସି ଥିଲେ । ଏହି ପିତା ଔ ସନ୍ତାନ ଗାଲୀଲୀ ହ୍ରଦ କୂଳରେ ଥିବା ଏକ ନଗର, କଫର୍ନାହୂମରେ ରହୁଥିଲେ । ବାଳକଟି ଗୋଟିଏ ଦିନରୁ ଇଧିକ ବଞ୍ଚିବା ଭଳି ମନେହେଉଁ ନଥିଲା । ମୃତ୍ୟୁ ତାକୁ ନେଇଯିବ ଔ ପିତା ଙ୍କର ଆଉ କୌଣସି ପୁତ୍ର ରହିବ ନାହିଁ । ପିତା ବିଷାଦଗ୍ରସ୍ତ ଥିଲା । ସେ ଜଣେ ଧନୀ ଔ ମୁଖ୍ୟ ବ୍ୟକ୍ତି ଥିଲେ । ରାଜା ହେରୋଦ ଆନ୍ତିପସଙ୍କ ଦରବାରରେ କାର୍ଯ୍ୟ କରୁଥିବା ଜଣେ ଇଧ୍ୟକ୍ଷ ଥିଲେ । ସେ ଯାହା କରିପାରିବା କଥା, ତାହା କରିଥିଲେ, ଇନେକ ଖର୍ଚ୍ଚ କରିଥିଲେ ମାତ୍ର କୌଣସି ଫଳ ନଥିଲା । ପିଲାଟିର ବଞ୍ଚିବାର ଆଉ ଆଶା ନଥିଲା । ତାଙ୍କର ଆଉ କିଛି କରିବାର ନଥିଲା । ଏହି ପିତାଙ୍କ ପାଇଁ ତାହା ଥିଲା ସର୍ବାଧିକ ମନ୍ଦ ଇବସ୍ଥା । ତାଙ୍କର ହୃଦୟ ଯନ୍ତ୍ରଣାରେ ଧକ୍ ଧକ୍ କରୁଥିଲା ।

### ଯୀଶୁଙ୍କୁ ସାକ୍ଷାତ କରିବା ପାଇଁ ଇଧ୍ୟକ୍ଷଙ୍କ ଯାତ୍ରା :

ଯୀଶୁ ବର୍ତ୍ତମାନ ଗାଲୀଲୀରେ ଇଛନ୍ତି ବୋଲି ସମ୍ବାଦଟି ମଧ୍ୟ କଫର୍ନା ହୂମରେ ପହଞ୍ଚିଲା । ଇଧ୍ୟକ୍ଷ ଏହା ଶୁଣିଲେ ଔ ତାଙ୍କର ପୁଣିଥରେ ଚିକ୍ ଚିକ୍ ହେବା ଆରମ୍ଭକଲା, ଔ ସେ ତେଅଁ ତେଅଁ ଉଠିଲେ । ନାଜରିତର ଯୀଶୁ ଏକମାତ୍ର ଯିଏ ଏହି ପରିସ୍ଥିତିରେ ସାହାଯ୍ୟ କରିପାରିବେ । କାରଣ ସେ ଆଶ୍ଚର୍ଯ୍ୟ ଜନକ କ୍ଷମତା ଧାରଣ କରିଥିଲେ । ସେ ଲୋକଗହଣରେ ଯୀଶୁଙ୍କୁ ପ୍ରଚାର କରୁଥିବାର ଦେଖିଲେ । ଯୀଶୁ ପ୍ରଚାର କରୁଥିବା ସମୟରେ ସେ ଜନଗହଳିକୁ ଠେଲି ତାଙ୍କ ନିକଟରେ ପହଞ୍ଚିଲେ । ଝାଳନାଳ, ଧୂଳି ଧୂସରିତ ଔ ଧଇଁସଇଁ ହୋଅ ସେ ଯୀଶୁଙ୍କ ସମ୍ମୁଖରେ ନତ ହୋଅ କହିଲେ, ହେଗୁରୁ, ମୋର ପିଲାଟି ମୃତପ୍ରାୟ ମୋ ସହିତ ମୋଗୃହକୁ ଆସି ମୋର ପିଲାଟିକୁ ବଞ୍ଚାନ୍ତୁ । ତ୍ରାଣକର୍ତ୍ତା ତାଙ୍କ ପ୍ରତି ଯତ୍ନସହିତ ଦୃଷ୍ଟିପାତକଲେ । ସେ ସେହି ଇଧ୍ୟକ୍ଷଙ୍କ ହୃଦୟରେ ସେହି ସମାନ ବିସ୍ୱାସ ପାଅଲେ, ଯାହା ସେ ଶମିରୋଣୀୟା ସ୍ତ୍ରୀ ଠାରେ ପାଅଥିଲେ ସେହି ପ୍ରକୃତ ବିଶ୍ୱାସ ଯାହା ଆଶ୍ଚର୍ଯ୍ୟ କର୍ମ ବିନା ବଞ୍ଚିପାରେ । ଯୀଶୁ ତାଙ୍କୁ କହିଲେ, ଗୃହକୁ ଯାଇ । ତୁମ୍ଭର ପୁତ୍ର ବଞ୍ଚିବ ।

ବିଶ୍ୱାସ ପୁରସ୍କୃତ ହୋଅଥିଲା :

ଇଧ୍ୟକ୍ଷ ଏହା ବିଶ୍ୱାସ କରିଥିଲେ ଯେ ତାଙ୍କର ସନ୍ତାନ ବଞ୍ଚିବ । ତାଙ୍କର ସନ୍ତାନ ରକ୍ଷା ପାଅଥିଲା । ସେ ଗୋଟିଏ ମୂହୂର୍ତ୍ତ ପାଇଁ ଯୀଶୁଙ୍କ ବାକ୍ୟରେ ସନ୍ଦେହ କରିନଥିଲେ । ଯେତେବେଳେ ସେ ପରଦିନ କଫର୍ନାହୂମରେ ପହଞ୍ଚିଲେ, ସେତେବେଳେ ତାଙ୍କର ଦାସ ମାନେ ତାଙ୍କୁ ସାକ୍ଷାତ୍ କରିବାପାଇଁ ବାହାରି ଆସୁଥିବା ସେ ଦେଖିଲେ । ସେମାନେ ଚିତ୍କାର କଲେ, ଆପଣଙ୍କର ପୁତ୍ର ବଞ୍ଚିପାଅଛି । ପିଲାଟି କେତେବେଳେ ସୁସ୍ଥ ହେବା ଆରମ୍ଭ କଲା ବୋଲି ଇଧ୍ୟକ୍ଷ ପ୍ରଶ୍ନ କଲେ । ଦାସମାନେ କହିଲେ, ଗତକାଲି ପ୍ରାୟ ଚାରିଟା ସମୟରେ ଜ୍ୱର ଛାଡିଗଲା । ଠିକ୍ ସେହି ସମୟରେ ହିଁ ଯୀଶୁ କହିଥିଲେ, ତୁମ୍ଭର ପୁତ୍ର ବଞ୍ଚିବ । ଯଦିଔ ଯୀଶୁ ପିଲାଠାରୁ ବହୁଦୂରରେ ଥିଲେ । ତଥାପି ସେ ତାକୁ ସୁସ୍ଥ କରିବା ପାଇଁ ସମର୍ଥ ହୋଅଥିଲେ । ଏହାପରେ ସେହି ଇଧ୍ୟକ୍ଷ ଔ ତାଙ୍କର ସମଗ୍ର ପରିବାର ଏହା ଜାଣିଲେ ଯେ ଯୀଶୁ ବାସ୍ତବରେ ସେହି ମସିହ, ତ୍ରାଣକର୍ତ୍ତା ଥିଲେ, ଯାହାଙ୍କର ଜଗତକୁ ଆସିବାର ଥିଲା । ସେମାନେ

ସମସ୍ତେ ତାଙ୍କ ଠାରେ ବିଶ୍ୱାସ କରିଥିଲେ ।

## ଶୂନ୍ୟସ୍ଥାନ ପୂରଣ କର :

୧· ପିତା ଇତି ଦୁଃଖରେ ଥିଲେ କାରଣ ______ ।

୨· ଯୀଶୁ ଇଧ୍ୟକ୍ଷଙ୍କ ହୃଦୟରେ ଏହା ଦେଖିଥିଲେ ଯେ ______ ।

୩· ଇଧ୍ୟକ୍ଷ ନିଜ ଦାସମାନଙ୍କର ସମ୍ବାଦ ଶୁଣିବାପରେ କଣ ବୁଝିପାରିଥିଲେ ? ______

୪· ଇଧ୍ୟକ୍ଷଙ୍କ ପରିବାରରେ ଘଟିଥିବା ପରିବର୍ତ୍ତନ ଥିଲା ______ ।

୫· ଏହି କାହାଣୀରୁ ତୁମେ କଣ ଶିକ୍ଷା କଲ ? ______ ।

## ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବାପରେ ତୁମେ କେଉଁ ନିଷ୍ପତ୍ତି ନେବ ?

ବିଷୟ-୨୭

# ନାଅନର ବିଧବା

**ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ :**

ପାଠର ଉଦ୍ଦେଶ୍ୟ - ଯୀଶୁଙ୍କ ଭଳି ଦୟାଳୁ ହେବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବା ।

**ପାଠ୍ୟ ଯୋଜନା :**

ନାଅନର ବିଧବା ସମ୍ବନ୍ଧୀୟ କାହାଣୀ ଶିକ୍ଷାଦେବା - ୨୫ ମିନିଟ

**ଚିତ୍ର ଦେଖନ୍ତୁ :**

ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ

ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଅନ୍ତୁ - ୧୦ ମିନିଟ

ବାଇବଲ ମୁଖସ୍ଥପଦ : ଲୂକ ୭;୧୩

ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ ।

## କାହାଣୀର ବିଷୟବସ୍ତୁ :

### ସେହି ସ୍ତ୍ରୀ ସହିତ ଯୀଶୁଙ୍କ ସାକ୍ଷାତ

ଯୀଶୁ ସ୍ତ୍ରୀ ହ୍ରମରେ ଶତସେନାପାତିଙ୍କ ପୁତ୍ରଙ୍କୁ ଇଛା କିଛି ସମୟ ପୂର୍ବରୁ ସୁସ୍ଥ କରିଥିଲେ ଓ ବର୍ତ୍ତମାନ ସେ ନାଅନ ନଗରରେ ପ୍ରବେଶ କରିଥିଲେ । ତାଙ୍କ ଶିଷ୍ୟମାନେ ଓ ବିଶାଳ ଜନତା ମଧ୍ୟ ତାଙ୍କ ସହିତ ଥିଲେ । ସେ ନାଅନ ନଗରରେ ପ୍ରବେଶ କରିବାମାତ୍ର ଗୋଟିଏ ମୃତ ବ୍ୟକ୍ତିକୁ ବୁହା ହୋଇଯାଉଥିବାର ଦେଖିଲେ । ସେ ଏହା ଜାଣିବାକୁ ପାଇଲେ ଯେ ସେ ତାର ମାତାର ଏକମାତ୍ର ପୁତ୍ର ଥିଲା । ଇଧିକନ୍ତୁ ସେ ଜଣେ ବିଧବା ଥିଲା ସେ ଯେଉଁ ଯନ୍ତ୍ରଣା ମଧ୍ୟ ଦେଇ ଗତି କରୁଥିଲା, ତାହାଯୀଶୁ ଇନୁଭବ କରି ପାରୁଥିଲେ । ଯଦି ତାର ସ୍ୱାମୀ ସଦୃଶ ତାର ପୁତ୍ର ମଧ୍ୟ ମୃତ୍ୟୁବରଣ କରିଛି, ତେବେ ସେ ଗୋଟିଏ ମୃତବ୍ୟକ୍ତି ଭଳି - ସଂପୂର୍ଣ୍ଣଭାବରେ ଇସହାୟ ହେବ ବୋଲି ସେ ବୁଝିଥିଲେ । ସେ ଏହା ମଧ୍ୟ ଜାଣିଥିଲେ ଯେ ତାର ଜୀବନ ଶୋଚନୀୟ ହେବ । ତାର ଗାଲ ଦେଇ ବୋହି ଆସୁଥିବା ଲୁହକୁ ସେ ସହ୍ୟ କରିପାରିନଥିଲେ । ଜନତା ମଧ୍ୟରେ ଇନେକେ ତାକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରିଥିଲେ, ମାତ୍ର ସେ ସାନ୍ତ୍ୱନା ଗ୍ରହଣ କରିପାରୁନଥିଲା ।

### ଯୀଶୁମୃତ ବ୍ୟକ୍ତିକୁ ଉଠାଅଛନ୍ତି :

ଏହି ସମସ୍ତ ବୁଝିବା ପରେ ଯୀଶୁ ତାକୁ ଉଠାଇବାକୁ ନିଷ୍ପତ୍ତି ନେଇଥିଲେ । ସେ ବିଧବା ନିକଟରେ ପହଞ୍ଚି କହିଥିଲେ, କ୍ରନ୍ଦନ କର ନାହିଁ । ଏହାପରେ ସେ କୋକେଇ ନିକଟରେ ପହଞ୍ଚିଲେ ଓ ସଙ୍ଗେ ସଙ୍ଗେ କୋକେଇ ବାହକମାନେ ସ୍ଥିର ଭାବରେ ଠିଆ ହେଲେ । ଏହାପରେ ଯୀଶୁ ସେହି ଯୁବକକୁ ଉଠିବା ପାଇଁ ଆଦେଶ ଦେଲେ । ସେ ସଙ୍ଗେ ସଙ୍ଗେ ଉଠିଚାଲିବାକୁ ଆରମ୍ଭକଲା । ତାର ମା ଆଶ୍ଚର୍ଯ୍ୟ, ଭାଷାହୀନ ହୋଇଗଲା । ସେ ନିଜର ଚକ୍ଷୁକୁ ବିଶ୍ୱାସ କରିପାରି ନଥିଲା । ସେ ଯୀଶୁଙ୍କୁ ଧନ୍ୟବାଦ ଦେଲା ଓ ଯୀଶୁ ମଧ୍ୟ ତାର ଖୁସି ଦେଖି ଇତ୍ୟନ୍ତ ଆନନ୍ଦିତ ହେଲେ । ଜନତା ମଧ୍ୟରେ ଥିବା ପ୍ରତ୍ୟେକ ବ୍ୟକ୍ତି ବିସ୍ମୟାନ୍ୱିତ ହେଲେ ଓ ସେ ତାଙ୍କ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଆସିଥିବାରୁ ଈଶ୍ୱରଙ୍କ ପ୍ରଶଂସା କଲେ ।

### ଶୂନ୍ୟସ୍ଥାନ ପୂରଣ କର :

୧. ଯେତବେଳେ ଯୀଶୁ ନଗରରେ ପ୍ରବେଶ କଲେ, ସେତେବେଳେ ସେ ଦେଖିଲେ ଯେ ________________ ।

୨. ତା ପ୍ରତିଯୀଶୁଙ୍କର କାହିଁକି ଦୟା ହେଲା ? ________________ ।

୩. ବିଧବାଟି ଆଶ୍ଚର୍ଯ୍ୟନ୍ୱିତ ହୋଇଥିଲା, କାରଣ ________________ ।

୪. ଏହି ଆଶ୍ଚର୍ଯ୍ୟ କର୍ମ ଦେଖିବା ପରେ ଲୋକମାନେ କଣ କହିଲେ ?

୫. ତୁମେ ଏହି କାହାଣିରୁ କଣ ଶିକ୍ଷା କଲ ? ________________ ।

ଜୀବନ ପ୍ରତି ପ୍ରୟୋଗ :

ଏହି କାହାଣୀ ଶିକ୍ଷା କରିବା ପରେ ତୁମେ କି ନିଷ୍ପତ୍ତି ନେବ ?

## ବିଷୟ-୨୮
# ହଜା ପୁତ୍ରର କାହାଣୀ

### ଶିକ୍ଷକଙ୍କ ପ୍ରତି ନିର୍ଦ୍ଦେଶ :

ନିମ୍ନ ଇଧ୍ୟାୟଟିକୁ ପାଠ କରନ୍ତୁ : ଲୂକ ୧୫ ; ୧୧-୩୨
ପାଠର ଉଦ୍ଦେଶ୍ୟ : ପ୍ରକୃତ ଇନୁତାପ ବିଷୟରେ ଶିକ୍ଷା ଦେବା ।

ପାଠ୍ୟ ଯୋଜନା :
ହଜା ପୁତ୍ରର କାହାଣୀ ଶିକ୍ଷାଦେବା - ୨୫ ମିନିଟ

ଚିତ୍ର ଦେଖାନ୍ତୁ :
ଗୋଟିଏ ସଂପୃକ୍ତ ଗୀତ ଶିଖାନ୍ତୁ - ୧୦ ମିନିଟ
ସେମାନଙ୍କୁ ଗୋଟିଏ ସଂପୃକ୍ତ କାର୍ଯ୍ୟ କରିବାକୁ ଦିଇନ୍ତୁ - ୧୦ ମିନିଟ
ବାଅବଲ ମୁଖସ୍ଥପଦ : ୧ ଯୋହନ ୧;୯
ଆଜିର ଶିଷ୍ଟାଚାର : ପରିଶିଷ୍ଟରୁ ବାଛନ୍ତୁ

### କାହାଣୀର ବିଷୟବସ୍ତୁ :

ସାନପୁଇ :

ଜଣେ ପିତାଙ୍କର ୨ଟି ପୁଇଥିଲେ । ସାନପୁଇ ନିଜ ପିତାଙ୍କୁ କହିଲା, ପିତା, ତୁମ ସଂପତ୍ତିରୁ ମୋ ଭାଗଟି ମୋତେ ଦେଅଦିଇ । ସେ ସେମାନଙ୍କ ମଧ୍ୟରେ ତାଙ୍କର ସଂପତ୍ତି ଭାଗ କରିଦେଲେ । କିଛି ଦିନ ପରେ, ସାନପୁଇ ସେହି ସମସ୍ତ ଏକତ୍ର କରି କରି ଏକ ଦୂର ଦେଶକୁ ଚାଲିଗଲା । ସେଠାରେ ସେ ବିଳାସ ବ୍ୟବସନରେ ନିଜର ସଂପତ୍ତି ବ୍ୟୟ କଲା । ଯେତେବେଳେ ସେ ଏହି ସମସ୍ତ ବ୍ୟୟ କରିଦେଲା, ସେତେବେଳେ ସେହି ଦେଶରେ ଏକ ପହାଦୁର୍ଭିକ୍ଷ ଦେଖାଦେଲା, ଔ ସେ ଇଭାବଗ୍ରସ୍ତ ହେବାରେ ଲାଗିଲା । ସେ ଯାଅ ସେହିଦେଶର ଜଣେ ନାଗରିକଙ୍କ ସହିତ ରହିଲା । ସେ ଯାଅ ସେହିଦେଶର ଜଣେ ନାଗରିକଙ୍କ ସହିତ ରହିଲା, ଔ ତାକୁ ଘୁଷୁରୀ ଚରାଅବା ପାଇଁ କ୍ଷେତ୍ରକୁ ପଠାଗଲା । ସେ ଘୁଷୁରୀମାନେ ଖାଉଥିବା ସିମ୍ବରେ ନିଜପେଟ ପୁରାଅବାକୁ ଅଛା କରୁଥିଲା ମାତ୍ର କେହି ତାକୁ କିଛି ଦେଉ ନଥିଲେ । କିନ୍ତୁ ଯେତେବେଳେ ସେ ବୋଧ ପାଅଲା, ସେତେବେଳେ ସେ କହିଲା ମୋ ପିତାଙ୍କର ଦାସମାନଙ୍କର କେତେ ଖାଦ୍ୟ ବଳିପଡୁଛି, ଆଉ ମୁଁ ଏଠାରେ ଭୋକରେ ମରୁଇଛି । ମୁଁ ଉଠି ମୋ ପିତାଙ୍କ ନିକଟକୁ ଯିବି ଔ ତାଙ୍କୁ କହିବି, ପିତା ମୁଁ ଈଶ୍ୱର ଔ ତୁମ୍ଭ ବିରୁଦ୍ଧରେ ପାପ କରିଇଛି । ମୁଁ ଆଉ ତୁମ୍ଭପୁତ୍ର ବୋଲି ଡକାଯିବାର ଯୋଗ୍ୟ ନୁହେଁ । ମୋତେ ତୁମର ଗୋଟିଏ ବନ୍ଧାଦାସ କରି ରଖ । ମନେମନେ ଏହା କହି ସେ ପିତାଙ୍କ ନିକଟକୁ ଗଲା ।

ପିତା

ମାତ୍ର ସେଦୂରରେ ଥାଉ ଥାଉ ତାର ପିତା ତାକୁ ଦେଖିଲେ ଔ ଦୟାରେ ବିଗଳିତ ହୋଅ ତାକୁ ଭେଟିବା ପାଇଁ ଦୌଡିଲେ । ପୁଣି ତାକୁ ଗଳାରେ ଲଗାଅ ଚୁମ୍ବନ କଲେ । ପୁତ୍ର ତାଙ୍କୁ କହିଲା, ପିତା,ମୁଁ ଈଶ୍ୱର ଔ ତୁମ ବିରୁଦ୍ଧରେ ପାପ କରିଇଛି । ମୁଁ ଆଉ ତୁମ ପୁତ୍ର ବୋଲି ଡକାଯିବା ପାଇଁ ଯୋଗ୍ୟ ନୁହେଁ । ମାତ୍ର ପିତା ନିଜ ଦାସମାନଙ୍କୁ କହିଲେ ସବୁ ଠାରୁ ଉତ୍ତମ ପୋଷାକ ଆଣି ତାକୁ ପିନ୍ଧାଇ । ତା ହାତରେ ମୁଦି ଔ ପାଦରେ ପାଦୁକା ଦିଇ । ଗୋଟିଏ ମୋଟା ବାଛୁରୀକୁ ହାଣି ରାନ୍ଧ ଔ ଆମେ ଭୋଜନ କରି ଆନନ୍ଦ କରିବା । କାରଣ ଏହି ଯେ ମୋର ପୁତ୍ର ମୃତ ହୋଅଥିଲା । ସେ ପୁନର୍ବାର ବଞ୍ଚିଲା । ସେ ହଜିଯାଅଥିଲା ଔ ମିଳିଲା । ସେମାନେ ଆନନ୍ଦ କରିବାରେ ଲାଗିଲେ ।

ବଡପୁଇ :

